ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ଏପ୍ରିଲ୍, ୨୦୧୯



ଜଣେ ବଦନାମ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକ ସହଜରେ ବିଶ୍ୱାସ କରନ୍ତି ନାହିଁ।
- ଟିଲୋଟ୍‌ସନ୍



## ସଂକ୍ଷେପରେ

### ନବୀନ ନିବାସକୁ ନେଇ ବିବାଦ

#### ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୧୬।୪:** ନବୀନ ନିବାସକୁ ନେଇ ହାଇକୋର୍ଟରେ ରୁଜୁ ହୋଇଛି ଜନସ୍ୱାର୍ଥ ମାମଲା। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ମାମଲାରେ ଦର୍ଶାଯାଇଛି ଯେ, ୧୯୯୨ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭୀମପୁର ମୌଜାରେ ଖାତା ନଂ. ୭୪୦ ଓ ପ୍ଲଟ ନଂ. ୧୨୦୦ରୁ ୧୦୦ ଡେସିମିଲ ଜମି ଜ୍ଞାନ ପଟ୍ଟନାୟକଙ୍କ ନାମରେ ଅନୁମୋଦନ କରାଯାଇଥିଲା। ମାତ୍ର ୨୦୦୯ ରେ ଉକ୍ତ ପ୍ଲଟକୁ ଲାଗିଥିବା (୧୨୦୦, ୧୨୦୧ ଓ ୧୨୨୨) ୨ ଏକର ୩୩ ଡେସିମିଲ ଜମି ବେଆଇନ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମରେ ମ୍ୟୁଟେଶନ କରାଯାଇଛି, ଯାହା ଗଭର୍ନମେଣ୍ଟ ଗ୍ରାଣ୍ଟସ୍ ଆକ୍ଟ-୧୮୯୫କୁ ଉଲ୍ଲଂଘନ କରୁଛି। ଏଥିପୂର୍ବରୁ ଆବେଦନକାରୀ ଘଟଣା ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର କହିଛନ୍ତି ଯେ, ଜ୍ଞାନ ପଟ୍ଟନାୟକଙ୍କ ନାମରେ ଯେଉଁ ୧୦୦ ଡେସିମିଲ ଜାଗା ସରକାର ଅନୁମୋଦନ କରିଥିଲେ ତାହା ଆଇନସମ୍ମତ। ମାତ୍ର ନବୀନ ଏବଂ ଗୀତାଙ୍କ ନାମରେ ଆଇନର ଉଲ୍ଲଂଘନ କରାଯାଇ ପୁନର୍ବାର ୨ ଏକର ୩୩ ଡେସିମିଲ ଜାଗା ଆଲଟମେଣ୍ଟ କରାଯାଇଛି। ଏପରିକି ଉକ୍ତ ଜାଗାକୁ ସାଧାରଣ ପ୍ରଶାସନ ବିଭାଗ ନବୀନ ଓ ଗୀତାଙ୍କ ନାମରେ ରେକର୍ଡଭୁକ୍ତ କରିଥିବା ଆଇନଜୀବୀ ମିଶ୍ର କହିଛନ୍ତି। ଏହାର ନକଲ ଭୁବନେଶ୍ୱର ତହସିଲ ରେକର୍ଡ ରୁମ୍‌ରେ ମହଜୁଦ ନ ଥିବା ସମଗ୍ର ଘଟଣାକୁ ବିବାଦୀୟ କରୁଛି ବୋଲି ଆଇନଜୀବୀ ମିଶ୍ର ପ୍ରତିକ୍ରିୟାରେ କହିଛନ୍ତି।

### ବ୍ଲକିଂ ବେଳେ ଦୁର୍ଘଟଣା, ପୋଲିସକୁ ମାଡ଼

**ପୁରୁଣା ଭୁବନେଶ୍ୱର, ୧୬।୪(ଡି.ଏନ.ଏ.):** ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ଉତ୍ତରା ଛକଠାରେ ସୋମବାର ରାତି ୧୦ଟା ୪୫ ମିନିଟ୍‌ରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୫ ଜଣ ଆହତ ହୋଇଥିଲେ। ତେବେ ଧଉଳି ଥାନା ପୋଲିସ ବ୍ଲକିଂ କରୁଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଯୁକ୍ତି କରି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଡ୍ୟୁଟିରେ ଥିବା କନଷ୍ଟେବଲ ଓ ପୋଲିସକୁ ମାଡ ମାରିଥିଲେ। ମଙ୍ଗଳବାର ଏହି ଘଟଣାରେ ଅକ୍ଷୟ ବରାଳଙ୍କ ଅଭିଯୋଗରେ ପୋଲିସ ସ୍ଥାନୀୟ ଉତ୍ତରାଶାସନର ମଧୁସୂଦନ ମାଣିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଦଫା ୨୯୪, ୩୨୭, ୩୩୨, ୩୫୩, ୩୪, ୫୦୬, ୩୪ ଆଇପିସି ଅନୁଯାୟୀ ନଂ. ୫୦/୧୯ରେ ମାମଲା ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ନିମାପଡ଼ା,୧୬।୪(ଡି.ଏନ୍.ଏ.):** ନିମାପଡ଼ା-ଚାରିଛକ ରାସ୍ତାର ବିଶିମାତ୍ରି ଛକ ନିକଟରେ ମଙ୍ଗଳବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମର ରଞ୍ଜିତ କୁମାର ପଲେଇ। ଗୁରୁତର ହେଲେ ଭିଲିଦେଉଳି ଗ୍ରାମର ଆକାଶ ରାଉତ। ସୂଚନା ଅନୁଯାୟୀ, ଉଭୟ ବାଇକ୍ ଆରୋହୀ କାକଟପୁରରୁ ମା' ମଙ୍ଗଳାଙ୍କ ଦର୍ଶନ କରି ଘରକୁ ଫେରୁଥିବା ବେଳେ ବିଶିମାତ୍ରି ଛକ ନିକଟରେ ଏକ ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଅନ୍ୟପକ୍ଷରେ ଆକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କୁଶଭଦ୍ରା ଗଣ୍ଡରେ ବୁଡ଼ିଗଲେ ୩ କଲେଜ ଛାତ୍ର

**ନିମାପଡ଼ା,୧୬।୪(ଡି.ଏନ୍.ଏ.)**



ନିଖୋଜ ଛାତ୍ରଙ୍କୁ ଖୋଜାଯାଉଛି।

- ୭ ଘଣ୍ଟାର ଅପରେଶନ ପରେ ମିଳିଲା ୩ ମୃତଦେହ
- ଉଦ୍ଧାର କାର୍ଯ୍ୟରେ ସାମିଲ୍ ଥିଲେ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ସ୍ଥାନୀୟ ଲୋକେ
- ନିମାପଡ଼ାରେ ପ୍ରବଳ ଉତ୍ତେଜନା, ରାସ୍ତାରୋକୋ

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ କୁଶଭଦ୍ରା ନଦୀର ଧୀରପୁର ବାଲିଘାଟ ଗଣ୍ଡରେ ଗାଧୋଉଥିବାବେଳେ ୩ଜଣ କଲେଜ ଛାତ୍ର ବୁଡିଯାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଘଟିଛି ଏହି ଘଟଣା। ବୁଡିଯାଇଥିବା ଛାତ୍ରମାନେହେଲେ ସ୍ଥାନୀୟ ଶ୍ୟାମସୁନ୍ଦରପୁରର ଜ୍ୟୋତିରଞ୍ଜନ ସାହୁ (୨୧), ବଳଙ୍ଗା ନିନିଗାଁର କମଳ ଲୋଚନ ଜେନା(୧୬) ଓ ପୁରୀ ସହରର ତେଜେଶ୍ୱର ମହାନ୍ତି(୨୦)। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରି ଲୋକଙ୍କ ସହାୟତାରେ ତିନି ମୃତଦେହକୁ ଉଦ୍ଧାର କରିଥିଲେ। ଜ୍ୟୋତିରଞ୍ଜନ ନିମାପଡ଼ାସ୍ଥିତ ସ୍ୱାଧୀନ ରେସିଡେନ୍ସିଆଲ କଲେଜର ଯୁକ୍ତ୩ର ଛାତ୍ର। ତେଜେଶ୍ୱର ନିମାପଡ଼ା କଲେଜର ଯୁକ୍ତ୩ ଶେଷବର୍ଷ ବାଣିଜ୍ୟ ଛାତ୍ର ହୋଇଥିବାବେଳେ ସେ ମେସ୍‌ରେ ରହି ପାଠ ପଢୁଥିଲେ। ସେହିଭଳି କମଳଲୋଚନ ନିମାପଡ଼ା ଡିଏଭି ସ୍କୁଲ୍‌ରେ ପଢ଼ିବା ସହ ଶ୍ୟାମସୁନ୍ଦରପୁରଠାରେ ଘରଭଡ଼ା ନେଇ ପରିବାର ସହ ରୁହନ୍ତି। ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ପ୍ରବଳ ଗରମ। ଜ୍ୟୋତିରଞ୍ଜନ, ତେଜେଶ୍ୱର ଓ କମଳ ଲୋଚନ ଅପରାହ୍ନ ପ୍ରାୟ ୩ଟାରେ ଗାଧୋଇବାକୁ ଧୀରପୁର ବାଲିଘାଟ ଗଣ୍ଡକୁ ଯାଇଥିଲେ। ଗାଧୋଉଥିବାବେଳେ ସେମାନଙ୍କର ଗୋଡ଼ ଖସିଯିବାରୁ ଜଣଙ୍କ ପରେ ଜଣେ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ଚିତ୍କାର ଶୁଣି ଗୁହାଳପଡ଼ା ଗ୍ରାମର ସୁଜିତ କୁମାର ତ୍ରିପାଠୀ ଓ ଅନ୍ୟ କେତେଜଣ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ମାତ୍ର ପହଞ୍ଚିବାବେଳକୁ ତିନିଜଣ ପାଣିରେ ବୁଡିଯାଇଥିଲେ। ସେମାନେ ପାଟିକରି ଅନ୍ୟମାନଙ୍କୁ ଡାକିବା ସହ ବୁଡିଯାଇଥିବା ଛାତ୍ରମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଗଣ୍ଡରେ ପାଣି ଅଧିକ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଉକ୍ତ ଗଣ୍ଡରେ ୪୦ଫୁଟରୁ ଅଧିକ ଗଭୀରର ପାଣି ରହିଛି। ତେଣୁ ଲୋକେ ନଦୀ କୂଳରେ ରହି ଖୋଜାଖୋଜି କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିମାପଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପରେ ଲୋକଙ୍କ ସହାୟତାରେ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ କାହାକୁ ଠାବ କରିପାରି ନ ଥିଲେ। ଗୋପ ଥାନା ଅନ୍ତର୍ଗତ ବେଣିପୁର ଗ୍ରାମର ଜଣେ ବୁଡାଳି ଆନନ୍ଦ ସେଠୀ ଓରଫ କମନା ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଥିଲେ। ବହୁ ସମୟ ପରେ ସେ ଗଭୀର ପାଣିରେ ବୁଡି ତେଜେଶ୍ୱରଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ପରେ ଅଗ୍ନିଶମ ବାହିନୀ ତାଙ୍କୁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ରାତି ପ୍ରାୟ ୧୦ଟାରେ କମଳଲୋଚନ ଓ ସାଢ଼େ ୧୦ଟାରେ ଜ୍ୟୋତିରଞ୍ଜନଙ୍କୁ ଠାବ କରାଯିବା ପରେ ଆମ୍ବୁଲାନ୍ସରେ ତାଙ୍କୁ ନିମାପଡ଼ା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ଡାକ୍ତରଖାନାରେ ପହଞ୍ଚି ହୋହଲ୍ଲା କରିବରୁ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡ଼ି ଦେଇ ନ ଥିଲେ। ବେଆଇନ ବାଲିଘାଟ ବନ୍ଦ ପାଇଁ ଦାବି କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିମାପଡ଼ା ଏସ୍‌ଡିପିଓ ଶରତ ମିଶ୍ର ଓ ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ।

ଏହି ଘଟଣାକୁ ନେଇ ନିମାପଡ଼ା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଟଣାସ୍ଥଳ ନଦୀପଠା, ଶ୍ୟାମସୁନ୍ଦରପୁର ଓ ଡାକ୍ତରଖାନାରେ ଲୋକଙ୍କ ଭିଡ଼ ଲାଗି ରହିଥିବାବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

#### ମା'ମଙ୍ଗଳାମନ୍ଦିରରେ ଚତୁର୍ଥ ପାଳି ଝାମୁଯାତ୍ରା

## ଚୁଡ଼ାଘଷା ଭୋଗ ସହ ବୋଦା ମାଂସ ଭୋଜି

**କାକଟପୁର, ୧୬।୪(ଡି.ଏନ୍.ଏ.)**





ଚୈତ୍ରମାସର ଚତୁର୍ଥ ତଥା ଶେଷ ମଙ୍ଗଳବାରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ପାଳିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ତାରିଖ ମଙ୍ଗଳବାର ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇ ଶେଷ ହେବ ମା'ଙ୍କ ଚୈତ୍ର ପର୍ବ। ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିର ଦ୍ୱାର ଫିଟାଯାଇ ମା'ଙ୍କ ସ୍ନାନ, ମାର୍ଜଣା ନୀତିପରେ ମା'ଙ୍କ ମୁଖାରବିନ୍ଦକୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ଧୂପପରେ ମନ୍ଦିର ଫିଟାଯାଇଥିଲା। ଭକ୍ତମାନେ ମନ୍ଦିରର ଉତ୍ତରଦ୍ୱାର ଦେଇ ବ୍ୟାରିକେଡ ମଧରେ ମନ୍ଦିରକୁ ପ୍ରବେଶ କରି ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନପରେ ଘଣ୍ଟପାଟୁଆମାନେ ପାଣିତୋଳା କାର୍ଯ୍ୟ କରି ମନ୍ଦିର ସମ୍ମୁଖରେ ଏବଂ ବେଢ଼ାରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ରାତିରେ ମନ୍ଦିର ବେଢ଼ାରେ ଏବଂ ସେବକ ସାହି ଦାଣ୍ଡରେ କାଳିକା ନୃତ୍ୟ ପରିବେଷଣ କରାଯାଇଥିଲା। ସଧବା ମହିଳାମାନେ ମନ୍ଦିର ବେଢ଼ାରେ ଥିବା ପଞ୍ଚେଇକୁ ପୂଜା କରିଥିଲେ। ପ୍ରାଚୀ ଉପତ୍ୟକାରେ ରହିଥିବା ବ୍ରାହ୍ମଣ ଶାସନ ମାନଙ୍କ ପକ୍ଷରୁ ସେମାନଙ୍କ କୌଳିକ ପଣ୍ଡାଙ୍କ ସହାୟତାରେ ଚୁଡାଘଷା, କଦଳୀ ମା'ଙ୍କ ନିକଟରେ ଭୋଗ ଲାଗି କରାଯାଇ ସେମାନଙ୍କ ଗ୍ରାମର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ।

ନିଜମାନସିକ ପୂରଣ ହୋଇଯାଇଥିବା ଅନେକ ଭକ୍ତ ଛେଳି, ମେଣ୍ଢା ଓ ବୋଦା ଆଣି ମା'ଙ୍କୁ ସମର୍ପଣ କରି ଚଣ୍ଡୀଙ୍କ ନିକଟରେ ଛେଦ ପକାଇ ପ୍ରାଚୀ ନଦୀ କୂଳରେ ପରିବାର, ବନ୍ଧୁବାନ୍ଧବ, ଶୁଭେଚ୍ଛୁଙ୍କ ସହିତ ମିଶି ମାଂସ ଭୋଜି କରିଥିଲେ। ଶେଷ ପାଳିଯାତ୍ରାରୁ ପାଇଁ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଥିଲା। କାକଟପୁର ଥାନା ପୋଲିସ, ମନ୍ଦିର ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ଼, ସେବକ ସମିତି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ସାମାଜିକ ସଂଗଠନଙ୍କ ପକ୍ଷରୁ ମାଗଣା ଜଳଛତ୍ର ଓ ସୂଚନା କେନ୍ଦ ଖୋଲାଯାଇ ଭକ୍ତ ଓ ଯାତ୍ରୀମାନଙ୍କୁ ସାହଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିଲା।

## ପୂର୍ବତନ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

#### ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲା

ପୋଷ୍ଟାଲ ଜମାକାରୀଙ୍କ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲାରେ କେନ୍ଦ୍ରାପଡ଼ା କରିଲୋପାଟଣା ପୂର୍ବତନ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟର ଅରୁଣ କୁମାର ମହାନ୍ତିଙ୍କୁ କୋର୍ଟ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସିବିଆଇ ସ୍ୱତନ୍ତ୍ର କୋର୍ଟ ବିଚାରପତି ଗୋପାଳ ଚନ୍ଦ୍ର ବେହେରା ଅରୁଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜରିମାନା ଆଦାୟ ନେଇ ରାୟ ଶୁଣାଇଛନ୍ତି। ୪୦ ହଜାର ଟଙ୍କା ଜରିମାନା ଅନାଦାୟ ହେଲେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ସୂଚନା ମୁତାବକ, ୨୦୧୧ରେ କେନ୍ଦ୍ରାପଡ଼ା କରିଲୋପାଟଣାରେ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟର ଭାବେ ଅରୁଣ କାର୍ଯ୍ୟ କରୁଥିଲେ। ୨୦୧୧ରୁ ୨୦୧୨ ମଧରେ ୩୧ ଜମାକାରୀଙ୍କ ମାସିକ ଆୟ ଯୋଜନା(ଏମ୍ଆଇଏସ୍) ଜରିଆରେ ସେ ୧୫ ଲକ୍ଷ ୮୭ ହଜାର ୪୫୦ ଜମା ଟଙ୍କାକୁ ଜାଲ ଦସ୍ତଖତ ବଳରେ ଉଠାଇନେଇଥିଲେ। ଏହା ବାର୍ଷିକ ଅଡିଟ୍ ବେଳେ ସୁପରିଣ୍ଟେଣ୍ଡେଣ୍ଟଙ୍କ ହାତରେ ଧରାପଡ଼ିଥିଲା। ଏ ନେଇ ସୁପରିଣ୍ଟେଣ୍ଡେଣ୍ଟ ୨୦୧୨ ନଭେମ୍ବର ୨୯ରେ ସିବିଆଇରେ ମାମଲା ରୁଜୁ କରିଥିଲେ। ସିବିଆଇ ଘଟଣାର ତଦନ୍ତ କରି ଅରୁଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ୩୫ଜଣଙ୍କର ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଥିବା ୪୭୪ ପୃଷ୍ଠାର ଦସ୍ତାବିଜ୍ ଉପସ୍ଥାପନା କରାଯାଇଥିଲା। ସିବିଆଇ ସ୍ୱତନ୍ତ୍ର କୋର୍ଟ ପିପି ରାଜେଶ୍ୱର ହୋତା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

## ଲୁଟ୍ ମୋବାଇଲ ଫୋନ୍ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ରୁଚିକା ସ୍କୁଲ ନିକଟରୁ ଲୁଟ୍ ହୋଇଥିବା ଏକ ମୋବଇଲ ଫୋନକୁ ପୋଲିସ ଜବତ କରିବା ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅଧୀନ କେଦାରପଲ୍ଲୀ ବସ୍ତି ଅଞ୍ଚଳର ପ୍ରକାଶ ନାୟକ। ସୂଚନା ମୁତାବକ, ଗତବର୍ଷ ଅକ୍ଟୋବର ୧୪ରେ ୟୁନିଟ-୬ ଅଞ୍ଚଳର ଶୁଭେନ୍ଦ୍ର ନାରାୟଣ ନିସଙ୍କ ଘରକୁ ଫେରୁଥିବାବେଳେ ପ୍ରକାଶ ଓ ଅନ୍ୟଜଣେ ତାଙ୍କଠାରୁ ମୋବଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶୁଭେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୩୬/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଉକ୍ତ ଚୋରି ମୋବାଇଲ ଫୋନ୍ ଟ୍ରାକ୍‌କୁ ଆସିବା ପରେ ପୋଲିସ ଚଢ଼ାଉ କରିଥିଲା।

# ରାଜଧାନୀରେ ମୋଦିଙ୍କ ୭ କି.ମି. ରୋଡ୍ ଶୋ'

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**







ରୋଡ୍ ଶୋ' ବେଳେ ପାରମ୍ପରିକ ନୃତ୍ୟ ଓ ସଂକୀର୍ତ୍ତନ।

ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଦଳୀୟ ପ୍ରଚାରରେ ଆସି ଭୁବନେଶ୍ୱରରେ ମଙ୍ଗଳବାର ରୋଡ୍ ଶୋ' କରିଛନ୍ତି। ଏୟାରପୋର୍ଟରୁ ସଭାସ୍ଥଳ ବରମୁଣ୍ଡା ପଡ଼ିଆ ପର୍ଯ୍ୟନ୍ତ ୭ କି.ମି. ଧରି ରାସ୍ତା ଲୋକାରଣ୍ୟ ହୋଇପଡିଥିଲା। ରୋଡ୍ ଶୋ'ରେ ମୋଦିଙ୍କୁ ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପରିସ୍ଥିତି ଏପରି ହୋଇଥିଲା କେତେକ ସ୍ଥାନରେ ଲୋକେ ରାସ୍ତାପାର୍ଶ୍ୱ ଗଛ, ପାଚେରି ଓ କୋଠା ଉପରେ ରହି ମୋଦିଙ୍କୁ ସ୍ୱାଗତ କରିଥିଲେ।

ମୋଦିଙ୍କ ରୋଡ୍ ଶୋ' ଦେଖିବାକୁ ରାଜ୍ୟର ବିଭିନ୍ନ ଜିଲାରୁ ରାଜଧାନୀକୁ ଲୋକଙ୍କ ଆଗମନ ଦେଖିବାକୁ ମିଳିଥିଲା। ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏୟାରପୋର୍ଟ ଛକରୁ ଆରମ୍ଭ କରି ବରମୁଣ୍ଡା ପଡ଼ିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବହୁ ସମୟ ଧରି ଅପେକ୍ଷା କରିଥିଲେ। ଅପରାହ୍ନ ପ୍ରାୟ ୫ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ ମୋଦି। ଅପରାହ୍ନ ୫ଟା ୪୫ରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରୁ ମୋଦି ରୋଡ୍ ଶୋ' ବାହାରି କଡ଼ା ସୁରକ୍ଷା ବଳୟରେ ବରମୁଣ୍ଡା ପଡ଼ିଆସ୍ଥିତ ବିଜୟ ସଂକଳ୍ପ ସମାବେଶ ସ୍ଥଳ ଅଭିମୁଖେ ଯାଇଥିଲେ। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ଲୋକେ ମୋଦିଙ୍କୁ ଦେଖିବାମାତ୍ରେ ବିଭିନ୍ନ ସ୍ଲୋଗାନ ଓ ଫୁଲ ପକାଇ ସ୍ୱାଗତ କରିଥିଲେ। ମୋଦି ତାଙ୍କ ବୁଲେଟ ପ୍ରୁଫ୍ ଗାଡ଼ିରେ ଛିଡ଼ା ହୋଇ ଉଭୟ ପାର୍ଶ୍ୱରେ ରହିଥିବା ଲୋକଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ରୋଡ୍ ଶୋ' ଏୟାରପୋର୍ଟ ଛକ, ଗଙ୍ଗନଗର ଛକ, ଓୟୁଏଟି ଛକ, ସିଟି ୱିମେନ୍ସ କଲେଜ ଛକ ଦେଇ ବରମୁଣ୍ଡା ପଡିଆ ପର୍ଯ୍ୟନ୍ତ ଯାଇଥିଲା।

### ପାରମ୍ପରିକ ନୃତ୍ୟରେ ସ୍ୱାଗତ

ମୋଦିଙ୍କୁ ସ୍ୱାଗତ କରିବା ପାଇଁ ପାରମ୍ପରିକ ନୃତ୍ୟର ବ୍ୟବସ୍ଥା କରାଯାଇଥିଲା। କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ବାଦ୍ୟର ତାଳେ ତାଳେ ନାଚି ଉଠିଥିଲେ। ଘୋଡ଼ାନାଚ ସହ ଝାଞ୍ଜ ଓ ବିଭିନ୍ନ ବାଜାରେ ପ୍ରକମ୍ପିତ ହୋଇଉଠିଥିଲା। ବହୁ ଯୁବତୀ ଯୁବକ ଓ ପିଲାମାନେ ମୋଦିଙ୍କ ମୁଖା ପିନ୍ଧି ଓ ନମୋ-ଟି ଶାର୍ଟ ପିନ୍ଧି ଗୀତ ଗାଇ ନାଚୁଥିବା ଦେଖିବାକୁ ମିଳିଥିଲା।

### ରାସ୍ତାସାରା ଫୁଲ

ମୋଦିଙ୍କୁ ସ୍ୱାଗତ କରିବା ପାଇଁ ବିପୁଳ ଫୁଲ ଆସିଥିଲା। ମୋଦି ପହଞ୍ଚିବା ପୂର୍ବରୁ ଫୁଲକୁ ଲୋକଙ୍କୁ ବଣ୍ଟା ଯାଇଥିଲା। ମୋଦି ରୋଡ୍ ଶୋ'ରେ ଯାଉଥିବାବେଳେ ଲୋକେ ଫୁଲ ପକାଇ ସ୍ୱାଗତ କରିଥିଲେ। ସେହିପରି ରୋଡ୍ ଶୋ' ରାସ୍ତାରେ ଏୟାରପୋର୍ଟରୁ ବରମୁଣ୍ଡା ପଡିଆ ପର୍ଯ୍ୟନ୍ତ ୭କି.ମି. ଧରି ଫୁଲ ବିଛା ଯାଇଥିଲା। ସତେ ଯେମିତି ରାସ୍ତାସାରା ଫୁଲମୟ ହୋଇଯାଇଥିଲା।

### ରଙ୍ଗିନ ଲାଇଟ୍

ମୋଦିଙ୍କ ରୋଡ ଶୋ ପାଇଁ ଏୟାରପୋର୍ଟ ଛକରୁ ବରମୁଣ୍ଡା ପଡିଆ ପର୍ଯ୍ୟନ୍ତ ଦଳୀୟ ନେତାଙ୍କ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ସଜ୍ଜିତ କରାଯାଇଥିଲା। ରାସ୍ତା ସାରା ରଙ୍ଗବେରଙ୍ଗର ହାଲୋଜିନ୍ ଓ ଲିଚୁ ମାଳା ଲାଗିଥିଲା। ମୋଦି ହାତ ହଲେଇ ରୋଡ ଶୋ' କରି ଯିବା ସମୟରେ ରାସ୍ତା ଏକ ପ୍ରକାର ରଙ୍ଗିନ ଆଲୋକମୟ ହୋଇଯାଇଥିଲା।



ଟ୍ରାଫିକ୍ ଜାମ୍‌ରେ ଫସିଥିବା ଆମ୍ବୁଲାନ୍ସ

### ଅଧଘଣ୍ଟା ପୂର୍ବରୁ ରାସ୍ତା ଜାମ୍

ମୋଦି ପହଞ୍ଚିବା ପୂର୍ବରୁ ରାଜଧାନୀ ରାଜରାସ୍ତା ଏକ ପ୍ରଚାର ଜାମ୍ ହୋଇଯାଇଥିଲା। ଏୟାରପୋର୍ଟରୁ ବରମୁଣ୍ଡା ପର୍ଯ୍ୟନ୍ତ ସମସ୍ତ ରାସ୍ତା ବ୍ଲକ୍ କରାଯାଇଥିଲା। ରାସ୍ତାକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାଗୁଡିକ ମଧ ମୋଦିଯିବା ପରେ ଏକ ଘଣ୍ଟା ଧରି ଭିଡ ରହିଥିଲା। ମୋଦିଙ୍କ ସୁରକ୍ଷା ପାଇଁ ୬୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୨ଶହ ଅଫିସର, ଦୁଇ ଜଣ ଡିସିପିଙ୍କ ସମେତ ଆଡିଶନାଲ ପୋଲିସ କମିଶନର,ଏସ୍‌ଓଜି କମାଣ୍ଡାଣ୍ଟ ଓ ଜଣେ ଆଇଜି ଦାୟିତ୍ୱରେ ଥିଲେ। ବିଶେଷକରି କଟକ ଡିସିପି ଓ ବହୁ ଥାନା ଅଧିକାରୀ ମୋଦିଙ୍କୁ ସୁରକ୍ଷା ପାଇଁ ଭୁବନେଶ୍ୱର ଆସିଥିଲେ।

### ଅଧା ବାଟରେ ବିଦ୍ୟୁତ୍ କାଟ

ମୋଦି ରୋଡ୍ ଶୋରେ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ଗଙ୍ଗନଗର ଛକ ନିକଟରେ ହୋଇଥିବା ସମୟରେ ହଠାତ୍ ବିଦ୍ୟୁତ୍ କଟିଯିବାରୁ ଏକ ପ୍ରକାର ଅନ୍ଧକାର ହୋଇଯାଇଥିଲା। ହେଲେ ରାସ୍ତା କଡରେ ଛିଡା ହୋଇଥିବା ଦର୍ଶକମାନେ ନିଜ ମୋବାଇଲର ଫ୍ଲାସ୍ ଲାଇଟ୍ ଦେଇ ବାଟକୁ ଆଲୋକିତ କରିଥିଲେ। କିଛି ସମୟ ପରେ ବିଦ୍ୟୁତ୍ ଆସିଥିଲା। ଏଭଳି ହଠାତ୍ ବିଦ୍ୟୁତ୍ କାଟକୁ ନେଇ ଅନେକ ଲୋକ କିଛି ଭିନ୍ନ କଥା ଆଲୋଚନା କରିଥିଲେ।

### ଲୁନାରେ ଗୋପାଳପୁରରୁ ଭୁବନେଶ୍ୱର

ମୋଦିଙ୍କୁ ଦେଖିବା ପାଇଁ ଗୋପାଳପୁର ପଞ୍ଚାୟତର ସନ୍ତୋଷ କୁମାର ସ୍ୱାଇଁ ତାଙ୍କ ଲୁନାରେ ଭୁବନେଶ୍ୱର ଆସିଥିଲେ। ସେ ନିଜ ଲୁନାକୁ ପଦ୍ମ ଫୁଲରେ ସଜ୍ଜିତ କରିବା ସହ ନିଜକୁ ମୋଦି ବେଶରେ ସଜାଇଥିଲେ। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ମୃତ୍ୟୁ ପରେ ଘର ଦ୍ୱାର ଛାଡି ଭାଜପାର ପ୍ରଚାର କରୁଛନ୍ତି। ମୋଦିଙ୍କୁ ଦେଖି ନ ପାରିଲେ ପାରିଲେ ସେ ପୁଣି ଦିଲ୍ଲୀ ଯିବେ ବୋଲି ସେ କହିଥିଲେ।



ଜଣେ ତୁମର ନିନ୍ଦା କରୁଥିଲାବେଳେ ନୀରବତା ହେଉଛି ତୁମର ଶ୍ରେଷ୍ଠ ବନ୍ଧୁ।
-ଯୋଶେଫ ଆଡିଶନ



## ସଂକ୍ଷେପରେ

### ବିଜେଡି, ଆମ ସଙ୍ଗଠନ ପକ୍ଷରୁ ରୋଡ୍ ଶୋ'

**ବାଲିପାଟଣା,୧୬।୪(ଡି.ଏନ.ଏ.):** ସାଧାରଣ ନିର୍ବାଚନର ସମୟ ଦିନକୁ ଦିନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କ ପ୍ରଚାର ଜୋରସୋରରେ ହେଉଥିବା ଦେଖିବାକୁ ମିଳିଛି। ସୋମବାର ବିଜେଡି ପକ୍ଷରୁ ୨୧ନମ୍ବର ଜୋନରେ ରୋଡ ଶୋ' କରାଯାଇଥିଲା। ଏଥିରେ ପ୍ରାର୍ଥୀ ଡ.ଅରବିନ୍ଦ ଢାଲୀ ସମର୍ଥକମାନଙ୍କ ସହ ବାଇକ୍‌ରେ ବସି ୨୧ନଂ ଜୋନର ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ରାଜ୍ୟର ବିକାଶମୁଖି ଯୋଜନାକୁ ପୂର୍ଣ୍ଣାଙ୍ଗ କରିବାରେ ସହଯୋଗ କରିବାକୁ ଭୋଟରମାନଙ୍କୁ କହିଥିଲେ। ଏହି ବାଇକ ଶୋଭାଯାତ୍ରାରେ ଜୋନର ବିଜେଡି ସମର୍ଥିତ କର୍ମୀ, ସରପଞ୍ଚ ଓ ଛାମୁଆ ନେତାମାନଙ୍କ ସହ ବ୍ଲକ ବିଜେଡି ସଭାପତି ବାବୁନି ନାୟକ ଉପସ୍ଥିତ ରହି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସେହିପରି ଆମ ସଙ୍ଗଠନର ସ୍ୱାଧୀନ ପ୍ରାର୍ଥୀ ନବକିଶୋର ମଲ୍ଲିକ ନିଜ ସମର୍ଥକଙ୍କ ସହ ମିଶି ଗୁଆପୁର ଓ ତୁରିନ୍ତିରା ଗ୍ରାମପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରଥମଥର ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା ବେଳେ ନୂଆଁ ମୁହଁକୁ ସୁଯୋଗ ଦେଇ ସହଯୋଗ କରିବାକୁ ଲୋକମାନଙ୍କୁ କହିଥିଲେ। ପ୍ରାର୍ଥୀ ମଲ୍ଲିକଙ୍କ ନୋମିନି ଗଙ୍ଗାଧର ମଲ୍ଲିକଙ୍କ ନେତୃତ୍ୱରେ ଆମ ସଙ୍ଗଠନର ଶତାଧିକ କର୍ମୀ ଯୋଗଦେଇଥିଲେ।

### ଭୋଟ ସଚେତନତା କାର୍ଯ୍ୟକ୍ରମ

**ବାଲିପାଟଣା,୧୬।୪(ଡି.ଏନ.ଏ.):** ବାଲିପାଟଣାସ୍ଥିତ ଗିରିଙ୍ଗେଶ୍ୱରୀ ପୀଠରେ ମଙ୍ଗଳବାର ଲୋକ ଜନଶକ୍ତି ପାର୍ଟି ପକ୍ଷରୁ ଏକ ଭୋଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଚିତ୍ତରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ କଲ୍ୟାଣ ପାଇଁ ଭୋଟର ସଚେତନ ହୋଇ ମତଦାନ କରିବାକୁ କହିଥିଲେ। ଦଳ ପକ୍ଷରୁ ସାମାଜିକ ନ୍ୟାୟ, ଶିକ୍ଷା, ପରିବେଶ ସୁରକ୍ଷା, ନାରୀ ସ୍ୱାଧୀନତା ସହି ସମାଜର ସାମଗ୍ରିକ ବିକାଶ ପାଇଁ କର୍ମୀମାନେ ନିଯୋଗ ରହିବାକୁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ଦଳିତ ସେନା ସଭାପତି ବିଜୟ କୁମାର ଭୋଇ, ଖୋର୍ଦ୍ଧା ଜିଲା ସହସମ୍ପାଦକ ଧୀରେନ୍ଦ୍ର ନାଥ ଭୋଇ, ବ୍ଲକ ସଭାପତି ନିଖିଲ ଭୋଇ, ନାରୀ ନେତ୍ରୀ ସସ୍ମିତା ମହାନ୍ତି, ଲିପ୍ସା ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ଲିଙ୍ଗରାଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟା

**ପୁରୁଣା ଭୁବନେଶ୍ୱର, ୧୬। ୪(ଡି.ଏନ.ଏ.):** ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପରେ ଲିଙ୍ଗରାଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ ଚ୍ୟାମ୍ବର ଅଫ ଆର୍ଟ ଆଣ୍ଡ କଲଚର ପକ୍ଷରୁ କ୍ରିଏଟିଭ୍ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପ୍ରଥମେ ଉଡ୍ର ଅନୁଷ୍ଠାନ ପକ୍ଷରୁ ନୃତ୍ୟରେ ନାରୀ ଓ ଦୁର୍ଗା ପରିବେଷଣ କରିଥିଲେ। ପରେ କଲିକତାର ନିତ୍ୟ ଭାଷ ଭାରତ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଲିକତାର ମାୟା ମନ୍ଦିର ସଂସ୍ଥା ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ଉତ୍ସବକୁ ରାଜ୍ୟ ସଭା ସଦସ୍ୟ ତଥା ପ୍ରଖ୍ୟାତ ପ୍ରସ୍ତର ଶିଳ୍ପୀ ରଘୁନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ସୁରେଶ ଚନ୍ଦ୍ର ମନ୍ତ୍ରୀ, ସାହିତ୍ୟକ ଦେବେନ୍ଦ୍ରନାଥ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଡ. ଶ୍ରୀନିବାସ ଘଟୁଆରୀ କରିଥିଲେ।

# ଷ୍ଟେଶନରୁ ଧରାପଡ଼ିଲା ପକେଟମାର୍ ଗ୍ୟାଙ୍ଗ୍

■ଟିକେଟ କାଉଣ୍ଟରରୁ ୩ଜଣଙ୍କୁ ଗିରଫ କଲା ଜିଆର୍‌ପି

■ବ୍ୟାଗ୍, ମୋବାଇଲ ଫୋନ୍ ଓ ଟଙ୍କା ଜବତ

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନରେ ବାରମ୍ବାର ପକେଟମାର୍ ସହ ଚୋରି ଓ ଲୁଟ୍ ହେଉଛି। ସୋମବାର ରାତିରେ ଜିଆର୍‌ପି ହାତରେ ଏକ ପକେଟମାର ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟ ଧରାପଡିଛନ୍ତି। ସେମାନେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନାଞ୍ଚଳର ଚିରଞ୍ଜିବ ସାହୁ (୧୯), ପୁରୀ କୁମ୍ଭାରପଦା ଥାନାଞ୍ଚଳର ରଞ୍ଜିତ ଦାସ (୨୭) ଓ ଖଣ୍ଡଗିରି ଥାନା ପାତ୍ରପଡ଼ାର ମାଧବ ମଲ୍ଲିକ (୧୯)। ସେମାନଙ୍କଠାରୁ ପୋଲିସ ଦୁଇଟି ଲଗେଜ ବ୍ୟାଗ୍, ଦୁଇଟି ମୋବାଲ୍ ଫୋନ୍ ଓ ୧୭ହଜାର ୫ଶହ ଟଙ୍କା ଜବତ କରିଛି। ଏନେଇ ପୋଲିସ ୮୦/୧୯ରେ ଏକ ମାମଲା ରୁଜୁ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ପୋଲିସର ସୂଚନାନୁସାରେ, ସୋମବାର ବିଳମ୍ବିତ ରାତିରେ ଆର୍‌ପିଏଫ, ଜିଆର୍‌ପି ଓ ଏସ୍‌ଟିଏଫ୍ ମିଳିତ ଭାବେ ଷ୍ଟେଶନ ପରିସରରେ ଚଢାଉ କରି ତଲାସି ଚଳାଇଥିଲା। ପୁରୁଣା ଟିକେଟ କାଉଣ୍ଟ ନିକଟରେ ଉପରୋକ୍ତ ୩ଜଣ ଅଭିଯୁକ୍ତଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖିବା ପରେ ଅଟକାଇ ପଚରାଉଚରା କରିଥିଲେ। ମାତ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସର ସନ୍ଦେହ ବଢ଼ିଥିଲା। ଯାଞ୍ଚ କରିବା ପରେ ସେମାନଙ୍କ ନିକଟରେ ଥିବା ଦୁଇଟି ଲଗେଜ ବ୍ୟାଗ ଓ ମୋବାଇଲ ଫୋନ ଚୋରା ବୋଲି ଜଣାପଡିଥିଲା। ପରେ ପୋଲିସ ସେମାନଙ୍କୁ ଥାନାକୁ ଉଠାଇ ନେଇ ଯାଞ୍ଚ କରିବାରୁ ୧୭ ହଜାର ୫୦୦ଟଙ୍କା ମିଳିଥିଲା। ପଚରାଉଚରା ପରେ ସେମାନେ ପକେଟମାର ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି କହିଥିଲେ। ଷ୍ଟେଶନ ଅଞ୍ଚଳରେ ଚୋରି ଓ ପକେଟମାର କରନ୍ତି। ବିଶେଷକରି ଭିଡ଼ ସ୍ଥାନ ଓ ଶୋଇଥିବା ଲୋକଙ୍କୁ ଟାର୍ଗେଟ କରନ୍ତି ବୋଲି ପୋଲିସ କହିଛି।

## ପୁରୁଣା ନୋଟିସ ବୋର୍ଡକୁ ଖୋଲି ନେଲେ




**ପୁରୁଣା ଭୁବନେଶ୍ୱର, ୧୬। ୪ (ଡି.ଏନ.ଏ.)**

ବିଭିନ୍ନ ଐତିହାସିକ ଶିଳାଲେଖ, ମନ୍ଦିର ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଜାଣିବାକୁ ଲଗାଯାଇଥାଏ ସୂଚନା ଫଳକ। ଏଭଳି ଷ୍ଟିଲ ବୋର୍ଡରେ ଫଳକ ଲାଗିଥିଲା ଶାନ୍ତିସ୍ତୁପ ଧଉଳି ପାଦଦେଶରେ ଥିବା ସମ୍ରାଟ ଅଶୋକଙ୍କ ଶିଳାଲେଖ ପାଖରେ। ଏଠାରେ ଥିବା ପୁରୁଣା ଫଳକଟିକୁ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ୮ଦିନରୁ ଊର୍ଦ୍ଧ୍ୱ ହେବ ଖୋଲି ନେଇଛନ୍ତି। ନୂତନ ବୋର୍ଡ ଲଗାଇବାକୁ ବିଳମ୍ବ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ନେବାରେ ଜଣାପଡ଼ିଛି ଯେ, ଅଧିକ ବିସ୍ତୃତ ତଥ୍ୟ ସମ୍ବଳିତ ଏକ

**ନୂଆ ପାଇଁ ବିଳମ୍ବ**

ପଥର ଖୋଦେଇ ଫଳକ ଲଗାଯିବ। ଯାହା ନିକଟରେ ଉଦୟଗିରି ଗୁମ୍ଫାଠାରେ ଲାଗିଥିବା ଫଳକ ସଦୃଶ ହେବ। ଯାହାଦ୍ୱାରା ବର୍ଷ, ଶୀତ, ଖରାରେ ଏହି ଫଳକ ସହଜରେ ଅବକ୍ଷୟ ହୋଇପାରିବ ନାହିଁ। ଏ ନେଇ ଏଏସ୍‌ଆଇର ସଂରକ୍ଷଣ ଅଧୀକ୍ଷକ ତୈଲୋକ୍ୟନାଥ ବେହେରା କୁହନ୍ତି, ଫଳକଟି ଖଣ୍ଡେଲାଇଟ କିମ୍ବା ସ୍ୟାଣ୍ଡଷ୍ଟୋନରେ ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାରେ ଲିପିବଦ୍ଧ ହେବ। ବର୍ତ୍ତମାନ ସୁଦ୍ଧା ୨ଟି ହିନ୍ଦୀ ଓ ଇଂରାଜୀ ଭାଷା ଉପଲବ୍ଧ ହୋଇସାରିଛି। ଓଡ଼ିଆ ଭାଷା ପାଇଁ ଟେକନିସିଆନ ପ୍ରୋସେସ କରୁଛନ୍ତି। ଖୁବ୍‌ଶୀଘ୍ର କଲଚରାଲ ନୋଟିସ ବୋର୍ଡ ଏଠାରେ ଲଗାଯିବ।

# ଇତିହାସ ସହ ଜଡ଼ିତ ରହି ଶିକ୍ଷା ଗ୍ରହଣ କର




**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ସୋମବାର ଜାଲିଆନାୱାଲାବାଗ ଗଣ ହତ୍ୟାକାଣ୍ଡର ଶତାବ୍ଦୀ ପୂର୍ତ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀ ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ବିତାଇଥିବା ମୁହୂର୍ତ୍ତଗୁଡ଼ିକୁ ମନେ ପକାଇଥିଲେ। ଏହାସହିତ ଭାରତଛାଡ଼ ଆନ୍ଦୋଳନ ସମୟରେ ବିତାଇଥିବା ବନ୍ଦୀ ଜୀବନ ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରସିଦ୍ଧ ଐତିହାସିକ ପ୍ରଫେସର ଅଶୋକ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରିଟିଶ ଶାସନ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଏଥିରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଜାଲିଆନାୱାଲାବାଗ ଗଣ ହତ୍ୟାକାଣ୍ଡ ଉପରେ ଆଲୋଚନା କରିବା ସହ ଆମେ ଆମର ସୁବର୍ଣ୍ଣ ଇତିହାସ ସହ ଜଡ଼ିତ ରହି ଏଥିରୁ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳପତି ପ୍ରଫେସର ସୁଧାକର ପଣ୍ଡା ଇତିହାସକୁ ଅନୁସରଣ କରିବା ସହିତ ଅତିଥିମାନେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବିଷୟରେ ଅଧିକ ଆଲୋଚନା କରିପାରିଥିବାରୁ ପ୍ରଶଂସା କରିଥିଲେ। ବିଜିୟୁର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

## ମଙ୍ଗୁଲିଙ୍କ ପରିବାରକୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୬।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଆଦର୍ଶ ଥାନାର ନବୀନାବାଗରେ ଭାଜପା ନେତା ବଡ଼ପୋଖରିଆର ମଙ୍ଗୁଲି ଜେନାଙ୍କୁ ଗତ ୧୪ ତାରିଖରେ ହତ୍ୟା କରାଯାଇଥିଲା। ମଙ୍ଗୁଲିଙ୍କ ହତ୍ୟା ଖୋର୍ଦ୍ଧା ରାଜନୀତିକୁ ଏପଟସେପଟ କରି ପକାଇଛି। ଏହି ଘଟଣାକୁ ଭାଜପା ଇସ୍ୟୁ କରି ଆଗକୁ ବଢୁଛି। ମଙ୍ଗଳବାର ରାତିରେ ବଡ଼ପୋଖରିଆ ଗାଁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ମଙ୍ଗୁଲିଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟ ଉପସ୍ଥିତ ଥିଲେ।

**ବଡ଼ପୋଖରିଆ ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ**

ମଙ୍ଗୁଳି ଜେନାଙ୍କ ହତ୍ୟା ପରେ ଉତ୍ତେଜନାକୁ ଆଖି ଆଗରେ ରଖି ବଡପୋଖରିଆ ପଞ୍ଚାୟତ ଅଞ୍ଚଳରେ ଓଡ଼ିଶା ସୁଇପ୍ ଆକ୍ସନ ଫୋର୍ସ ମଙ୍ଗଳବାର ଅପରାହ୍ନ ୪ଟା୪୫ମିନିଟ୍‌ରୁ ସନ୍ଧ୍ୟା ୬ଟା ପ୍ରାୟ ୧ ଘଣ୍ଟା ୧୫ ମିନିଟ୍ ଫ୍ଲାଗମାର୍ଚ୍ଚ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡର ବି.ବି. ମହାରଣାଙ୍କ ନେତୃତ୍ୱରେ ୯୦ ଜଣିଆ ଏକ କମ୍ପାନୀ ଫୋର୍ସ ସାମିଲ ହୋଇଥିଲେ।

## ମା' ଭୁବନେଶ୍ୱରୀଙ୍କ ମନ୍ଦିରରେ ନବରାତ୍ର ମହୋତ୍ସବ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ଭିଏସ୍‌ଏସ୍ ନଗର ଡି.ଏଲ୍. କଲୋନୀରେ ମା' ଭୁବନେଶ୍ୱରୀଙ୍କ ୫୦ତମ ନବରାତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୫ ତାରିଖଠାରୁ ଚାଲିଥିବା ଏହି ମହୋତ୍ସବକୁ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ଉଦ୍‌ଘାଟନ କରିଥିବା ବେଳେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠ ମୁଖପାତ୍ର ମନୋଜ କୁମାର ରଥ ଏହାକୁ ଉଦ୍‌ଯାପନ କରିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱାମୀ ଶଙ୍କରାନନ୍ଦ ଗିରି, ପ୍ରଫେସର ସଂଘମିତ୍ରା ମିଶ୍ର, ଦେବୁ ବ୍ରହ୍ମା, ନୀଳାଦ୍ରି ମୋହନ ଶତପଥୀ, ଅମରୀଶ ଶତପଥୀ, ଶ୍ରୀକୃଷ୍ଣ କେଶବ ଷଡ଼ଙ୍ଗୀ, ମନୋଜ କୁମାର ରଥ ପ୍ରମୁଖ ନିଜର ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ଭକ୍ତଙ୍କ ସାମ୍ନାରେ ଉପସ୍ଥାପନ କରିଥିଲେ। ଏଥିସହିତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଜ୍ଞାନୃତ୍ୟାନ ସୁରଭି, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ଛାତ୍ରୀଗଣ, ନୂପୁର ସଙ୍ଗୀତରେ କଟକର ସୂଚି ପଟ୍ଟନାୟକ ଓ ଭୁବନେଶ୍ୱରର ଶ୍ରୀଜଗନ୍ନାଥ ଚେତନା କେନ୍ଦ୍ର ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ପଣ୍ଡିତ ସୁଦର୍ଶନ ମିଶ୍ର ଓ ସାଥୀ ମା'ଙ୍କର ନବବେଶ, ହୋମଯଜ୍ଞ ଓ ଷୋଡ଼ଶ ପୂଜାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ମହୋତ୍ସବକୁ ପ୍ରତିଷ୍ଠାତା ଓ ସଂଯୋଜକ ପ୍ରଫେସର ସୁରେନ୍ଦ୍ରନାଥ ଦାଶ ପରିଚାଳନା କରିଥିଲେ।

■ ବିଶ୍ୱ କଳାଦିବସ-୨୦୧୯ ଉଦ୍‌ଯାପିତ

## ଉନ୍ମୋଚିତ ହେଲା ଭିତ୍ତିଚିତ୍ର ପୁସ୍ତକ

**ପୁରୁଣା ଭୁବନେଶ୍ୱର, ୧୬। ୪ (ଡି.ଏନ.ଏ.)**

ବିଶ୍ୱ କଳାଦିବସ ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଦୁଇଦିନିଆ କଳା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଓଡ଼ିଶା ଲଳିତକଳା ଏକାଡ଼େମୀର ପୂର୍ବତନ ସଭାପତି ତଥା ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜ୍ୟୋତିର୍ମୟୀ କାନୁନ୍‌ଗୋ, ଲକ୍ଷ୍ମୀକାନ୍ତ ମହାପାତ୍ର, ସମ୍ପାଦକ ମିହିରକାନ୍ତ ପ୍ରହରାଜ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ କଳାର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱ କଳା ଦିବସ ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଚିତ୍ରକଳା, ଭାସ୍କର୍ଯ୍ୟ ଓ ବ୍ୟବହାରିକ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରରେ ମନୀଷା ମହାରଣା, ଭାସ୍କର୍ଯ୍ୟରେ ପଙ୍କଜ କୁମାର ବେହେରା ଓ ଡ଼ିଜାଇନ୍‌ରେ ସାରଥି ପଲାଇ ପ୍ରମୁଖ ପ୍ରଥମ ହେବା ସ୍ଥଳେ ଏମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ରବୀନ୍ଦ୍ର କୁମାର ମହାରଣାଙ୍କ ଦ୍ୱାରା ଲିଖିତ 'ଦକ୍ଷିଣାତ୍ୟ ଓଡ଼ିଶାର ରୀତିସମ୍ପନ୍ନ ଭିତ୍ତିଚିତ୍ର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଚିତ୍ରଶିଳ୍ପୀ ଜୟା ଜେନା, ଚନ୍ଦନ କୁମାର ସାମଲ, ସସ୍ମିତା କାମିଲା, ରାମଶଙ୍କର ସାହୁ, ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସୁନାଚେନ ଲୁଟେରା ଗିରଫ, ଅଳଙ୍କାର ଜବତ



**କଟକ ରୋଡ,୧୬।୪(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସୁନା ଚେନ ଲୁଟ୍ ପରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ନୀଳାଦ୍ରିନଗରରେ ରହୁଥିବା ଆୟୁଷ୍ମାନ ତ୍ରିପାଠୀ। ତାଙ୍କଠାରୁ ୧୬ଗ୍ରାମର ୨ଟି ସୁନାଚେନ ସହ ଲୁଟ୍‌ରେ ବ୍ୟବହୃତ ଏକ ବାଇକ୍ ଜବତ ହୋଇଛି। ୨୦୧୮ ସେପ୍ଟେମ୍ବର ଓ ଅକ୍ଟୋବରରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ୨ଚେନ ଲୁଟ୍ ଘଟଣାରେ ଆୟୁଷ୍ମାନଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେ ଫେରାର ରହିଥିଲେ। ଏନେଇ ଥାନାରେ ମାମଲା (ନଂ.୨୪୯/୧୮ ଓ ୨୭୫/୧୮)ରୁଜୁ ହୋଇଥିଲା। ପୁଣି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କହିଛି।

# ବିଜେଡି ପକ୍ଷରୁ ରୋଡ୍ ଶୋ

**ପୁରୁଣା ଭୁବନେଶ୍ୱର, ୧୬। ୪ (ଡି.ଏନ.ଏ.)**

**ଏକାମ୍ର ନିର୍ବାଚନମଣ୍ଡଳୀ**

ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡା ମଙ୍ଗଳବାର ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ବାସୁଆଘାଇ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ରୋଡ ଶୋ କରି ତାଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ରୋଡ୍ ଶୋ ଦୁର୍ଗାପୁରପାଟଣାରୁ ଆରମ୍ଭ ହୋଇ ବାଙ୍କୁଆଳ, ମହୁଲଗଡ଼ା, ପଞ୍ଚମାଣ ହରିଜନ ସାହି, କେଶୁରା, କୋରଡ଼କଣ୍ଟା ଆଦି ଗ୍ରାମ ବୁଲି ପ୍ରଚାର କରିଥିଲେ। ମହିଳାମାନେ ଶଙ୍ଖ ଧ୍ୱନି କରିବା ସହ ପଣ୍ଡାଙ୍କୁ ଚନ୍ଦନ ଓ ଫୁଲମାଳ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଅନ୍ୟାମାନଙ୍କ ମଧ୍ୟରେ କୃତାର୍ଥ ପ୍ରଧାନ, ଅଶୋକ ଜେନା, ପ୍ରଶାନ୍ତ ମୁଖୀ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପଣ୍ଡା ମହାନଗର ନିଗମର ୱାର୍ଡ ନଂ. ୫୭ ରେ ରୋଡ୍ ଶୋ' ମାଧ୍ୟମରେ ନିଜର ଓ ଦଳ ପାଇଁ ଭୋଟଭିକ୍ଷା କରିଥିଲେ। ରୋଡ୍ ଶୋ ତାରିଣୀବସ୍ତିଠାରୁ ଆରମ୍ଭ ହୋଇ ପାଣ୍ଡବନଗର ଗୋଷ୍ଠୀକେନ୍ଦ୍ର, କୁଶପଡ଼ିଆ, ଭାସ୍କରେଶ୍ୱର ମନ୍ଦିର, ଟଙ୍କପାଣି ରୋଡ୍, ଚାରି ଛକ, ନେତାଜୀ କ୍ଲବ, ବଡଗଡ ଥାନା ରୋଡ, ମଙ୍ଗଳା ମନ୍ଦିର ପାଖ ହୋଇ ପାଣି ଟାଙ୍କି ନିକଟରେ ଶେଷ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସ୍ଥାନୀୟ କର୍ପୋରେଟର ବନ୍ଦନା ସାହୁ, ଯୁବନେତା ସନ୍ତୋଷ ସିଂ ପ୍ରମୁଖ ଯୋଗ ଦେଇଥିଲେ।



ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା ରୋଡ୍ ଶୋ କରି ପ୍ରଚାର କରୁଛନ୍ତି।

# ନୃସିଂହଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିବ ପୋଲିସ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

**ବନ୍ଧୁକ କାରଖାନା ଠାବ ଘଟଣା**

ଓୟୁଏଟି କର୍ମଚାରୀ ନୃସିଂହ ନାୟକଙ୍କ ଘରୁ ରବିବାର ରାତିରେ ଖଣ୍ଡଗିରି ପୋଲିସ ଏକ ବନ୍ଧୁକ କାରଖାନା ଠାବ କରିଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ପୁଣି ଥରେ ନୃସିଂହଙ୍କ ସରକାରୀ କ୍ୱାଟର୍ସକୁ ଯାଇ ତଦନ୍ତ କରିବା ସହ ପରିବାର ଲୋକଙ୍କୁ ପଚରାଉଚରା କରିଛି। ଅନ୍ୟପଟେ ଉକ୍ତ ଘଟଣା ଏବେ ପୋଲିସ ପାଇଁ ଚିନ୍ତା ବଢାଇଛି। ନୃସିଂହ କେଉଁମାନଙ୍କୁ ବନ୍ଧୁକ ଦେଇଛନ୍ତି, କେଉଁଠୁ ସାମଗ୍ରୀ ଆଣୁଥିଲେ, ଆଉ କେଉଁମାନେ ଏଥିରେ ସମ୍ପୃକ୍ତ ସେନେଇ ଖୋଳତାଡ କରିବା ପାଇଁ ଖଣ୍ଡଗିରି ପୋଲିସ ଏକ ଟିମ୍ ଗଠନ କରିଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଉକ୍ତ ର୍‍ୟାକେଟ ସହ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ନୃସିଂହଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବା ପାଇଁ ବୁଧବାର ସ୍ଥାନୀୟ କୋର୍ଟରେ ଆବେଦନ କରିବ। କୋର୍ଟ ଅନୁମତି ମିଳିବା ପରେ ନୃସିଂହଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ। ଅନ୍ୟପକ୍ଷେ ନୃସିଂହଙ୍କ ଏଭଳି କାରନାମାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି ଓୟୁଏଟିର ଅନ୍ୟ କର୍ମଚାରୀ। ନୃସିଂହ ସମସ୍ତଙ୍କୁ ଭଲ ବ୍ୟବହାର କରିଥାନ୍ତି। ସମସ୍ତଙ୍କ ସହ ଭଲ କଥା ମଧ୍ୟ ହୋଇଥାନ୍ତି। କିନ୍ତୁ ମଝିରେ ଫୋନ୍ ଆସିଲେ ସେ ଅଫିସ ବାହାରକୁ ଚାଲିଯାଆନ୍ତି ବୋଲି ତାଙ୍କର ଜଣେ ସହଯୋଗୀ କହିଛନ୍ତି। ତେଣୁ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପରାଉଚରା କରିବା ପରେ ସବୁ ଗୁମର ଫିଟିବ ବୋଲି ଚର୍ଚ୍ଚା ଚାଲିଛି। ସେହିପରି କୁହାଯାଉଛି ଯେ, ପୋଲିସ ନୃସିହଙ୍କ ଘରେ ଚଢାଉ କରିବା ସମୟରେ ଏକ ଡାଏରୀ ଜବତ କରିଥିଲା। ଏଥିରେ ନୃସିଂହ ତାଙ୍କ ବନ୍ଧୁକ ବେପାରର ହିସାବ ରଖୁଥିଲେ। ଉକ୍ତ ଡାଏରୀରୁ ମଧ୍ୟ କିଛି ତଥ୍ୟ ମିଳିପାରେ ବୋଲି ଆଶା କରାଯାଉଛି। ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ତାଙ୍କ ଲିଙ୍କ୍‌ରେ କେଉଁମାନେ ଅଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ୩ଦିନ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏଥିଲାଗି ଏ ନେଇ କୋର୍ଟରେ ଆବେଦନ କରାଯିବ। ଯେଉଁମାନେ ତାଙ୍କ ଲିଙ୍କ୍‌ରେ ଆସିବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ହୋଟେଲରୁ ମାଲିକଙ୍କ ମୃତଦେହ ଉଦ୍ଧାର

■ହତ୍ୟା ଅଭିଯୋଗ ଆଣିଲା ପରିବାର

■୫ଦିନ ତଳେ ସ୍ତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ହୋଇଥିଲା ଗଣ୍ଡଗୋଳ

■ପୋଲିସ କହୁଛି ଆତ୍ମହତ୍ୟା

■ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁକିଛି ସ୍ପଷ୍ଟ ହେବ

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ କଳିଙ୍ଗନଗର ଘାଟିକିଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ହୋଟେଲରୁ ସନ୍ଦେହଜନକ ଅବସ୍ଥାରେ ମାଲିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ନୂଆଗାଁର ତପୁ ପଣ୍ଡା। ତାଙ୍କ ବେକରେ ଗାମୁଛା ବନ୍ଧା ହୋଇଥିବାବେଳେ ହୋଟେଲର ଆଜବେଷ୍ଟସ୍ ଲୁହାରେ ତାହା ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ହୋଟେଲର ଭିତର ପଟୁ ବନ୍ଦଥିବା ବେଳେ ପଛ ଝରକା ଖୋଲାଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ୫ଦିନ ତଳେ ତପୁଙ୍କ ସ୍ତ୍ରୀ ହୋଟେଲରେ ଥିବାବେଳେ ନିକଟ ଗାଁର କେତେକ ବ୍ୟକ୍ତି ତାଙ୍କୁ କମେଣ୍ଟ ମାରିଥିଲେ। ଯାହାକୁ ନେଇ ତପୁ ସହ ସେମାନଙ୍କର ଝଗଡା ହୋଇଥିଲା। ତେଣୁ ସେମାନେ ତପଙ୍କୁ ହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସବୁଦିନପରି ତପୁ ମଙ୍ଗଳବାର ହୋଟେଲରେ କାମ କରିଥିଲେ। ଅପରାହ୍ନରେ ସେ ହୋଟେଲରେ ଥିଲେ। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମଧ୍ୟ ସେ ହୋଟେଲରୁ ବାହାରି ନ ଥିଲେ। ସ୍ଥାନୀୟ ଏକ ଅଟୋବାଲା ତାଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ଝରକାରେ ଦେଖିବାରୁ ମୃତଦେହ ତଳେ ପଡିଥିବା ଓ ଆଜବେଷ୍ଟସ୍ ଲୁହାରେ ଛିଣ୍ଡା ଗାମୁଛା ଝୁଲୁଥିଲା। ଏନେଇ ସେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲ ପଠାଇଥିଲା। ତପୁଙ୍କ ମୃତ୍ୟୁ ରହସ୍ୟ ଜାଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି ପୋଲିସ। ଏନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି,ଏହା ହତ୍ୟା ନୁହେଁ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ପରି ଲାଗୁଛି। ସେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ମୃତ୍ୟୁ ଘଟିବା ପରେ ଶରୀରର ଓଜନ ଅଧିକ ହେବାରୁ ଗାମୁଛା ସମ୍ଭାଳି ନ ପାରି ଛିଡ଼ିଯାଇଛି। ଫଳରେ ବେକରେ ଅଧା ଗାମୁଛା ରହିଥିବା ବେଳେ ଆଜବେଷ୍ଟସ୍ ଲୁହାରେ ଅଧା ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁକିଛି ସ୍ପଷ୍ଟ ହେବ।



ଜଣେ ତୁମର ନିନ୍ଦା କରୁଥିଲାବେଳେ ନୀରବତା ହେଉଛି ତୁମର ଶ୍ରେଷ୍ଠ ବନ୍ଧୁ।

-ଯୋଶେଫ ଆଡିଶନ



## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ବିଭିନ୍ନ ଦଳର କର୍ମୀ

**ମାହାଙ୍ଗା,୧୬।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ଲଳିତଗିରି ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ଏ ନେଇ ସୋମବାର ଗୋକନଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ। ସଂଗ୍ରାମ ମୁଦୁଲି, ଯୁବନେତା ପ୍ରଦୀପ୍ତ ବିଶ୍ୱାଳ ଓ ହାପି ନାୟକଙ୍କ ନେତୃତ୍ୱରେ ୧୧ନଂ ୱାର୍ଡ ସଭ୍ୟ ମାଧବାନନ୍ଦ ଦାସ, ୧୨ନଂ ୱାର୍ଡ ସଭ୍ୟ ଅନ୍ନପୂର୍ଣ୍ଣା ବେହେରା, ବନବିହାରୀ ଦାସ, କୃପାସିନ୍ଧୁ ଦାସ, ଦିଲ୍ଲୀପ ଦାସ, ରମେଶ ସିଂହ ପ୍ରମୁଖ ଦଳରେ ସାମିଲ ହୋଇଥିଲେ।

### ୫ ବଖରା ଜଳିଗଲା



**ବାଙ୍କୀ,୧୬।୪(ବି.ପ୍ର.):** ବାଙ୍କୀ ବ୍ଲକ ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ସୁନ୍ଦରୀ ସାହିରେ ମଙ୍ଗଳବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ୩ଜଣଙ୍କ ୫ ବଖରା ଘର ଜଳି ପାଉଁଶ ହୋଇଯାଇଛି। ବିଦ୍ୟୁତ ଶର୍ଟ ଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବର ପାଇ କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଳି ଯାଇଥିବା ଘର ମଧ୍ୟରେ ବିଳାସିନୀ ସାହୁଙ୍କ ୨, କସ୍ତୁରୀ ସାହୁଙ୍କ ୨ ଓ ମଦନମୋହନ ସାହୁଙ୍କ ଗୋଟିଏ ବଖରା ରହିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଅଗ୍ନି ବିପନ୍ନଙ୍କ ପରିବାରକୁ ଭେଟି ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ରାଜସ୍ୱ ନିରୀକ୍ଷକ ପହଞ୍ଚି ବିପନ୍ନଙ୍କୁ ଭେଟିବା ସହିତ ଅଗ୍ନିକାଣ୍ଡ ବିବରଣୀ ସଂଗ୍ରହ କରିଛନ୍ତି। ଏହି ବିପନ୍ନ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ସ୍ୱାଧୀନ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା



**ଆଠଗଡ଼,୧୬।୪(ସ୍ୱ.ପ୍ର.):** ଆଠଗଡ଼ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ମଙ୍ଗଳବାର ବାଇକ୍ ଶୋଭାଯାତ୍ରା କରିଛନ୍ତି। ଶତାଧିକ ସମର୍ଥକଙ୍କ ସହ ବାରିକ ଝୁଲଣ ମନ୍ଦିରଠାରୁ ବାହାରି ଆଠଗଡ ଟାଉନ ପରିକ୍ରମା କରି ଧବଳେଶ୍ୱର ପର୍ଯ୍ୟନ୍ତ ଯାଇଥିଲେ। ଆଠଗଡର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ରାଉତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଠଗଡ଼ ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ପାଇଁ ଆଶାୟୀଥିବା ଅଭୟ ଟିକେଟ ନ ପାଉଇବାରୁ ସ୍ୱାଥୀନ ପ୍ରାର୍ଥୀଭାବେ ଲଢୁଛନ୍ତି।

### ସାଲେପୁର ବିଜେଡିର ପ୍ରଚାର

**ସାଲେପୁର,୧୬।୪(ଡି.ଏନ.ଏ.):** ସାଲେପୁର-ଟାଙ୍ଗୀ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର ପ୍ରଚାର କରାଯାଇଛି। ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ସାଲେପୁର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବୁଲି ବ୍ୟବସାୟୀଙ୍କୁ ଭୋଟ୍ ଭିକ୍ଷା କରିଥିଲେ। ବେହେରା ସାଲେପୁରର ମାଛୁଆତିଛକ, ସେଣ୍ଟ୍ରାଲ୍ ମାର୍କେଟ୍, ଲକ୍ଷ୍ମୀମାର୍କେଟ୍, ହାଉସିଂବୋର୍ଡ ମାର୍କେଟ୍, କଲେଜ ରୋଡ୍, ସାଲେପୁର ପୁରୁଣା ବସ୍‌ଷ୍ଟାଣ୍ଡ, ଶେର୍ ମାର୍କେଟ୍, ବଡ଼ବଜାର ମାର୍କେଟ୍ ସମେତ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବୁଲିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶ, ରମେଶ ଚନ୍ଦ୍ର ନାୟକ, ନବକିଶୋର କର, ସାଲେପୁର ବ୍ଲକ ବିଜୁ ଯୁବବାହିନୀ ସଭାପତି ବିଶ୍ୱଜିତ୍ ଚାଟାର୍ଜୀ, ସୌମ୍ୟରଞ୍ଜନ ମଲ୍ଲ, ବିରଞ୍ଚି କର ଓ ଯୁବନେତା ସୟଦ ଆଲାମ୍ ହୁସେନ୍‌ଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ■ ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ଆଠଗଡ଼,୧୬।୪(ସ୍ୱ.ପ୍ର.)**

ଆଠଗଡ଼ ଥାନା ଖୁଣ୍ଟକଟା ପଞ୍ଚାୟତ ଅଧୀନ ରେଗେଡ଼ାପଡ଼ା ଗ୍ରାମର ଜଣେ ଭାଜପା କର୍ମୀଙ୍କୁ ମଙ୍ଗଳବାର ଅପରାହ୍ନରେ ଆକ୍ରମଣ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ କର୍ମୀଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ସାଢ଼େ ୭ଟାରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁସାରେ, ସୋମବାର ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ପକ୍ଷରୁ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ଏହି ରୋଡ୍ ଶୋରେ ରେଗେଡ଼ାପଡ଼ା ଗ୍ରାମର ଭାଜପା କର୍ମୀ ମାୟାଧର ନାଥ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ରୋଡ୍ ଶୋ ଖୁଣ୍ଟକଟା ଗ୍ରାମ ଅତିକ୍ରମ କରିବା ସମୟରେ ମାୟାଧର ସେଠାକାର କେତେଜଣ ବିଜେଡି କର୍ମୀଙ୍କୁ ଗାଳି ଗୁଲଜ କରିଥିଲେ। ଏକଥା ବିଜେଡି କର୍ମୀମାନେ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ମଙ୍ଗଳବାର ଅପରାହ୍ନରେ ମାୟାଧର କୌଣସି କାମରେ ଗ୍ରାମରୁ ଆଠଗଡ଼ ଆଡେ ଆସୁଥିଲେ। ଏହି ସମୟରେ ଖୁଣ୍ଟକଟାଠାରେ ୨ ଯୁବକ ମାୟାଧରଙ୍କୁ ଅଟକାଇ କାହିଁକି ଗାଳିଗୁଲଜ କରୁଥିଲ ବୋଲି ପଚାରିବା ସହ ଠେଙ୍ଗାରେ ତାଙ୍କ ଗୋଡ଼କୁ ଆକ୍ରମଣ କରିଥିଲେ। ଏ ନେଇ ମାୟାଧର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଚଳାଇଥିବା ବେଳେ ସନ୍ଧ୍ୟାରେ ବିଧାୟକ ପ୍ରାର୍ଥୀ ରାୟ ଓ ତାଙ୍କ ଶତାଧିକ କର୍ମୀ ଥାନାରେ ପହଞ୍ଚି ତୁରନ୍ତ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବିକରି ଥାନା ଘେରାଉ କରିବା ସହ ସେଠାରେ ରାସ୍ତାରୋକୋ କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସପି ଜି. ଆର. ପାଣିଗ୍ରାହୀ ପହଞ୍ଚି ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉତ୍ତ୍ୟକ୍ତ କର୍ମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ସେପଟେ ମାୟାଧର ମଧ୍ୟ କାହାରିକୁ ଗାଳିଗୁଲଜ କରି ନ ଥିବା ପ୍ରକାଶ କରିଛନ୍ତି।



ଉତ୍ତ୍ୟକ୍ତ କର୍ମୀଙ୍କୁ ଗ୍ରାମାଞ୍ଚଳ ଏସ୍‌ପି ବୁଝାଶୁଝା କରୁଛନ୍ତି।

**■ପୋଲିସର ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ**

**■ଦୁଇ ଯୁବକ ଅଟକାଇ ମାଡ଼ ମାରିଥିଲେ**



ତିଗିରିଆରେ ଅନୁଷ୍ଠିତ କର୍ମୀ ସମାବେଶରେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

## ବିଜେଡିର କର୍ମୀ ସମ୍ମିଳନୀ

**ତିଗିରିଆ,୧୬।୪(ଡି.ଏନ.ଏ.)**

ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାପଶିଠାରେ ବ୍ଲକର ୬ ପଞ୍ଚାୟତର କର୍ମୀ ଓ ସମର୍ଥକଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ନିର୍ବାଚନରେ ବିଜେଡିର ଦଳୀୟ ସାଙ୍ଗଠନିକ ସୁଦୃଢ଼ତାକୁ ବଜାୟ ରଖି ଭୋଟ ବୃଦ୍ଧିକରିବାକୁ ନିବେଦନ କରିଥିଲେ। ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ମହିଳା ସଭାନେତ୍ରୀ ସବିତା ବେହେରା, ମହିଳା ସମ୍ପାଦିକା ସମସୁରା ବେଗମ୍, ଦୁଇ ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ ଓ ରଶ୍ମିତା ମହାଲିକ ପ୍ରମୁଖ ଯୋଗଦେଇ ରଣେନ୍ଦ୍ରଙ୍କୁ ବିଜୟୀ କରିବାକୁ କର୍ମୀଙ୍କୁ ଆହ୍ୱାନ କରିଥିଲେ।

## ବାଙ୍କୀ କଂଗ୍ରେସର ବାଇକ୍ ଶୋଭାଯାତ୍ରା

**ବାଙ୍କୀ,୧୬।୪(ସ୍ୱ.ପ୍ର.)**

ବାଙ୍କୀ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ କେନ୍ଦ୍ରୀୟ ଜୋନର ୩ ପଞ୍ଚାୟତରେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ବାଙ୍କୀ ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ତାଙ୍କ ସମର୍ଥକଙ୍କ ସହ ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ୍ ଭିକ୍ଷା କରିଥିଲେ। ଶୋଭାଯାତ୍ରା ରଣପୁର, ଶ୍ରୀଚନ୍ଦନପୁର, ଚର୍ଚ୍ଚିକା, ଖମାରଙ୍ଗ, ବେଦପୁର, ଶିଶୁଆ, ଚକାପଦା, ହରିରାଜପୁର, ଶିମିଳିପୁର, ମକୁନ୍ଦପୁର, କରବର ବିଲିପଡା, ମନ୍ତ୍ରୀ ସାହି, ସାହାଡା ପଦାଦେଇ ଗୋଲେଇ ମାର୍କେଟଠାରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ନଗର କଂଗ୍ରେସ କମିଟି ସଭାପତି ଭାଗୀରଥି ବିଶ୍ୱାଳ ନେତୃତ୍ୱ ନେଇଥିଲେ। ଯୁବ କଂଗ୍ରେସ ନେତା ରମାକାନ୍ତ ସେଠୀ, କ୍ଷେତ୍ରବାସୀ ଦାସ, ଦେବୀପ୍ରସାଦ ମହାନ୍ତି, ପପୁ ମହାପାତ୍ର, ବିଜୁ ମହାପାତ୍ର, କେନ୍ଦ୍ରୀୟ ଜୋନ ସଭାପତି ବିଜୟ ମହାନ୍ତି, ଡମପଡ଼ା ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁ, ମୁନା ସିଂହ, ଟିଙ୍କିଲି ମହାନ୍ତି, ମୁନା ନାୟକ ପ୍ରମୁଖ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ଦେବାଶିଷଙ୍କୁ ଭୋଟ ଦେଇ ନୂତନ ବାଙ୍କୀ ଗଢ଼ିବା ଦିଗରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।



ମାହାଙ୍ଗା ବ୍ଲକ ଅଧୀନ ଚାହାପଡ଼ା ପଞ୍ଚାୟତ ଜହଳ-କଣ୍ଟିକିଆରି ମଧ୍ୟସ୍ଥଳ ବଟମହାପୁରୁଷ ପୀଠରେ ରାମତାରକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଅନୁଷ୍ଠିତ କଳସ ଶୋଭଯାତ୍ରା।

## ବିଜେଡିର କର୍ମୀ ସମାବେଶ, ପଥପ୍ରାନ୍ତ ସଭା

**ନିଶ୍ଚିନ୍ତକୋଇଲି,୧୬।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ବ୍ଲକ ବିଜେଡିର କର୍ମୀ ସମାବେଶ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଯୋଗଦେଇ ଓଡ଼ିଶାରେ ନବୀନ ସରକାରଙ୍କ ସମୟରେ ହିଁ ବିକାଶ ହୋଇଛି ବୋଲି ଦାବି କରିବା ସହ ଭାଜପା ଓ କଂଗ୍ରେସକୁ ଦୃଢ଼ ସମାଲୋଚନା କରିଥିଲେ। ବଡ଼କ୍ଷୀର ପଞ୍ଚାୟତରେ ଆୟୋଜିତ ସମାବେଶରେ ପଞ୍ଚାୟତ ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଯୁବନେତା ପ୍ରବୋଧ ଚାନ୍ଦ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଉପସ୍ଥାପନ କରିଥିଲେ। ପରେ ଜିଲା ପିରଷଦ ସଭ୍ୟା ସବିତା ସାମଲ, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ରଞ୍ଜନ ବେହେରା, ସମିତିସଭ୍ୟା ଗାୟତ୍ରୀ ବେହେରା, ସୁରେଶ ବେହେରା ଓ ନିରଞ୍ଜନ ରାଉଳ ପ୍ରମୁଖ ଯୋଗଦେଇ ନବ ଗଠିତ ବଡକ୍ଷୀର ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବଡକ୍ଷୀର ପଞ୍ଚାୟତର ବହୁ କଂଗ୍ରେସ କର୍ମୀ କଂଗ୍ରେସ ନେତା ସୁଦାମ ଚରଣ ସାହୁ, ଦିଲୀପ ଗାହାଣ ଓ ଚିତ୍ରେସେନ ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଅସୁରେଶ୍ୱର ପଞ୍ଚାୟତରେ ଗିରିଶ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା ବିଜେଡି ସଭାପତି ମିନତୀ ବେହେରା ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ମିହିର ମିଶ୍ର, ସୋସିଆଲ ମିଡିଆ କୋର୍ଡିନେଟର ଅଶୋକ ଓଝା, ବିଜୁ ଯୁବବାହିନୀ ବ୍ଲକ ଉପଦେଷ୍ଟା ଇଂ ପତିତପାବନ ସ୍ୱାଇଁ, ସରପଞ୍ଚ ମହେଶ୍ୱର ବାରିକ, ଗୋପାଳ ବେହେରା, ବିଜୟ ବଳ ଓ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମାବେଶରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଭାଜପାର ମିଶ୍ରଣ ପର୍ବ

**ବାଙ୍କୀ,୧୬।୪(ବି.ପ୍ର.)**

ବାଙ୍କୀ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତର ବହୁ କଂଗ୍ରେସ ଓ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ବାଙ୍କୀ ବଜାର ସ୍ଥିତ ଭାଜପା ନିର୍ବାଚନ କାର୍ଯ୍ୟାଳୟଠାରେ ଜୟନ୍ତ ବେଉରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓସ୍ତିଆ ପଞ୍ଚାୟତର ସୁନିଲ ନାୟକ, ମନୋଜ ରାଉତ, ବିଜୟ ବାରିକ, ପଦୀପ ସାହୁ, ମନୋଜ ସାହୁ, ପ୍ରମୋଦ ସାମନ୍ତରାୟ, ସୁଜିତ ସାମନ୍ତରାୟ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ପାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ନେତା ସତ୍ୟ ନାରାୟଣ ସମାନ୍ତ, ଯଯାତି କେଶରୀ ପଟ୍ଟନାୟକ, ଉତ୍କଳ ମନ୍ତ୍ରୀ, ଜୟନ୍ତ ବେଉରା ଓ ସୁବଳ ବେଉରା ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସରେ ମିଶିଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଆଠଗଡ଼,୧୬।୪(ସ୍ୱ.ପ୍ର.)**

ଆଠଗଡ଼ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପର୍ବରେ ବହୁ ଭାଜପା କର୍ମୀ ଦଳଛାଡ଼ି କଂଗ୍ରେସରେ ଯୋଗଦାନ କରିଛନ୍ତି। ସ୍ଥାନୀୟ ଝରଣଛକ ସନ୍ନିକଟ କାର୍ଯ୍ୟାଳୟଠାରେ ଆୟୋଜିତ ପର୍ବରେ ପୂର୍ବରୁ ଭାଜପା ନେତା ବିଭୂତିଭୂଷଣ ମିଶ୍ରଙ୍କ ସମର୍ଥକ ଥିବା ଶତାଧିକ କର୍ମୀ ମିଶ୍ରଙ୍କୁ ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ଦଳୀୟ ଟିକଟ ପ୍ରଦାନ କରା ନ ଯିବାରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିଯୋଗୁ ସେମାନେ ଦଳଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ପୂର୍ବତନ ସମିତିସଭ୍ୟ ହୃଦାନନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଦଳରେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ରଥ ଓ ତାଙ୍କ ସମର୍ଥକ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

## ୩୬ନଂ ଜୋନରେ ବିଜେଡିର ରୋଡ୍ ଶୋ

**ବାଙ୍କୀ,୧୬।୪(ବି.ପ୍ର.)**

ବାଙ୍କୀ ବିଜେଡି ପକ୍ଷରୁ ମଙ୍ଗଳବାର ୩୬ ନଂ ଜୋନ୍‌ରେ ରୋଡ୍ ଶୋ ଅନୁଷ୍ଠିତ ହୋଇଛି। ଓସ୍ତିଆ ପଞ୍ଚାୟତର ଫୁଲଓ୍ୱାଡି ତ୍ରିନାଥ ମନ୍ଦିର ପରିସରରୁ ଏହି ଶୋ ଆରମ୍ଭ ହୋଇଥିଲା। ବିଧାୟକ ପ୍ରଭାତ ତ୍ରିପାଠୀ ଏବଂ ତାଙ୍କ ପୁଅ ତଥା ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବାରେ ଶୋଭଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଓସ୍ତିଆ ବିଷ୍ଣୁପୁର, ନୂଆ ଓସ୍ତିଆ, କଦଳୀବାଡି, କନ୍ତପହରା, ଘୋଳପୁର ଦେଇ ସୁବର୍ଣ୍ଣପୁରରେ ପହଞ୍ଚିଥିଲା। ପରେ ଅପରାହ୍ନରେ ରତାଗଡ, ବନ୍ଦାଳ ଓ ବାଉଁଶପୁଟ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇଥିଲା। ଏଥିରେ ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତଚରଣ ଦାସ, ଜିଲାପରିଷଦ ସଦସ୍ୟ ମାନସ ମହାପାତ୍ର, ପ୍ରଣବ କିଶୋର ପଟ୍ଟେଲ, ଯୁବ ବିଜେଡି ସଭାପତି ସନ୍ତୋଷ ରଣା, ଜିଲା ସାଧାରଣ ସମ୍ପାଦକ ସନାତନ ବେହେରା, ସରଣ୍ଡା ଗଡ ବିଜେଡି ନେତା ଗତିକୃଷ୍ଣ ସ୍ୱାଇଁ, ସୌମେନ୍ଦ୍ର ମିଶ୍ର, ନୀଳମଣି ଜେନା ପ୍ରମୁଖ ବହୁ କର୍ମୀ ରୋଡ୍ ଶୋରେ ସାମିଲ ହୋଇଥିଲେ।

## ବଡ଼ମ୍ବାରେ ବିଜେଡିର ରୋଡ୍ ଶୋ

**ବଡ଼ମ୍ବା,୧୬।୪(ଡି.ଏନ.ଏ.)**

ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜେଡି ପକ୍ଷରୁ ରୋଡ୍ ଶୋ କରାଯାଇଛି। କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଏବଂ ବଡ଼ମ୍ବା ବିଧାନସଭା ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ମିଳିତ ଭାବେ ବଡ଼ମ୍ବାର ବିଭିନ୍ନ ଅଞ୍ଚଳରେ ରୋଡ୍ ଶୋ ମାଧ୍ୟମରେ ନିର୍ବାଚନ ପ୍ରଚାର କରିଛନ୍ତି। ବିଶେଷକରି ୩୦ ନମ୍ବର ଜୋନ୍ ଜିଲା ପରିଷଦ ଅନ୍ତର୍ଗତ ନଦୀକୂଳ ଅଞ୍ଚଳରେ ଏହି ପ୍ରଚାର କରାଯାଇଛି। ବଡ଼ମ୍ବା ଧୋବଣୀନାଳଠାରୁ ଏକ ଖୋଲା ଜିପ୍‌ରେ ଉଭୟ ପ୍ରାର୍ଥୀ କର୍ମୀଙ୍କ ସହ ବଡ଼ବାରସିଂହ, ସାନବାରସିଂହ, ରଗଡ଼ିପଡ଼ା, ଦିନିଆରୀ, ବାଙ୍ଗେରିସିଂହା, ମୁଗଗହୀର, ଗୋପୀନାଥପୁର, ଗୋପମଥୁରା, ଶଙ୍ଖାମେରୀ ଓ ମଙ୍ଗରାଜପୁର ଆଦି ପଞ୍ଚାୟତରେ ପ୍ରଚାର କରିଥିଲେ।




ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ଦେବୀ ମିଶ୍ରଙ୍କ ରୋଡ ଶୋ।

# ନିଜିଗଡ଼ ସଂରକ୍ଷିତ ଶାଗୁଆନ ଜଙ୍ଗଲରେ ନିଆଁ

**ତିଗିରିଆ,୧୬।୪(ଡି.ଏନ.ଏ.)**

ତିଗିରିଆ ନିଜିଗଡ଼ ସଂରକ୍ଷିତ ଶାଗୁଆନ ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଥିଲା। ଏକଥା ଜଣାପଡ଼ିବା ପରେ ତିଗିରିଆ ବନ ବିଭାଗ କର୍ମଚାରୀ ଏବଂ ଦମକଳ ବାହିନୀ କର୍ମଚାରୀ ମିଳିତଭାବେ ନିଆଁକୁ ଆୟତ୍ତ କରିଥିଲେ। ଆଠଗଡ଼ରେ ବନ ବିଭାଗର ଏକ ବୈଠକରେ ଯୋଗଦେବାକୁ ଯାଇଥିବା ତିଗିରିଆ ବନପାଳ ସୁଚରିତା ସାମନ୍ତରାୟ ଜଙ୍ଗଲ ନିଆଁ ସମ୍ପର୍କରେ ଖବର ପାଇବା ପରେ ସେଠାରୁ ତୁରନ୍ତ ଆସି ନିଆଁକୁ ନିୟନ୍ତ୍ରଣ କରିବା ଲାଗି କର୍ମଚାରୀଙ୍କୁ ସାଥିରେ ନେଇ ଉଦ୍ୟମ ଚଳାଇଥିଲେ। ଜଙ୍ଗଲରେ ନିଆଁ ଲାଗିବା ପରେ ବିଭିନ୍ନ ଶୁଖିଲା ଛୋଟମୋଟ ଗଛ ସହିତ ତଳେ ପଡ଼ିଥିବା ଶୁଖିଲା ବାଉଁଶବୁଦା ଜଳି ଯାଇଥିଲା। ଏଥିସହିତ ପତ୍ରରେ ନିଆଁ ଲାଗିବାରୁ ତାହା କ୍ଷିପ୍ର ବେଗରେ ମାଡ଼ି ଚାଲିଥିଲା। ନିଆଁ ପ୍ରଭାବରେ ଶାଗୁଆନ ଗଛ ସହିତ ଚାକୁଣ୍ଡା ଓ ବାଉଁଶବୁଦା ଗୁଡ଼ିକ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଜଳିଯାଇଛି। ଛୋଟଛୋଟ ବନ୍ୟଜନ୍ତୁ, ବାର୍ହା ଓ କୁଟୁରା ଜଳିପୋଡ଼ି ମରିଯାଇଥିବା ଆଶଙ୍କା ପ୍ରକାଶ ପାଇଛି। ଜଙ୍ଗଲରେ ମୂଲ୍ୟବାନ ଶାଗୁଆନ ଗଛ ମଧ୍ୟ କଟାଯାଇଥିବା ଦେଖିବାକୁ ମିଳିଛି। କାଠମାଫିଆ, ବନ୍ୟଜନ୍ତୁ ଶିକାରୀ କିମ୍ବା ଜଙ୍ଗଲଯାତ ସରଞ୍ଜାମ ସଂଗ୍ରହ କରୁଥିବା ଦୁର୍ବୃତ୍ତ ନିଆଁ ଲଗାଇଥାଇ ପାରେ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।



ଜଙ୍ଗଲରେ ନିଆଁ ଲାଗି ଗଛ ଜଳିଯାଇଛି।



ଜଣେ ତୁମର ନିନ୍ଦା କରୁଥିଲାବେଳେ ନୀରବତା ହେଉଛି ତୁମର ଶ୍ରେଷ୍ଠ ବନ୍ଧୁ।

-ଯୋଶେଫ ଆଡିଶନ



## ସଂକ୍ଷେପରେ

### ୫ ବଖରା ଜଳିଗଲା

**ବାଙ୍କୀ,୧୬।୪(ବି.ପ୍ର.):** ବାଙ୍କୀ ବ୍ଲକ ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ସୁନ୍ଦରୀ ସାହିରେ ମଙ୍ଗଳବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ୩ଜଣଙ୍କ ୫ ବଖରା ଘର ଜଳି ପାଉଁଶ ହୋଇଯାଇଛି। ବିଦ୍ୟୁତ ଶର୍ଟ ଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବର ପାଇ କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଳି ଯାଇଥିବା ଘର ମଧ୍ୟରେ ବିଳାସିନୀ ସାହୁଙ୍କ ୨, କସ୍ତୁରୀ ସାହୁଙ୍କ ୨ ଓ ମଦନମୋହନ ସାହୁଙ୍କ ଗୋଟିଏ ବଖରା ରହିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଅଗ୍ନି ବିପନ୍ନଙ୍କ ପରିବାରକୁ ଭେଟି ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ରାଜସ୍ୱ ନିରୀକ୍ଷକ ପହଞ୍ଚି ବିପନ୍ନଙ୍କୁ ଭେଟିବା ସହିତ ଅଗ୍ନିକାଣ୍ଡ ବିବରଣୀ ସଂଗ୍ରହ କରିଛନ୍ତି। ଏହି ବିପନ୍ନ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ମହିଳାଙ୍କୁ ଧମକ, ୩ ଗିରଫ

**କଟକ ଅଫିସ,୧୬।୪:** ପୂର୍ବ ଶତ୍ରୁତାକୁ ନେଇ ଲାଲବାଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଭୁତିଆସାହି ଅଞ୍ଚଳର ଅଭୟ ପରିଡା(୩୫), ପଦ୍ମନାଭ ପରିଡା(୨୯) ଓ ରାଜେଶ ବେହେରା(୨୮)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଗତ ସପ୍ତାହରେ ଜାମିନ୍‌ରେ ଜେଲରୁ ଆସିଥିଲେ। ପୂର୍ବଶତ୍ରୁତାକୁ ନେଇ ଗତ ସୋମବାର ରାତିରେ ଜଣେ ମହିଳାଙ୍କୁ ଧମକ ଦେଇଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୬୮/୧୯) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

### ନିଜିଗଡ଼ ସଂରକ୍ଷିତ ଶାଗୁଆନ ଜଙ୍ଗଲରେ ନିଆଁ



**ତିଗିରିଆ,୧୬।୪(ଡି.ଏନ.ଏ.):** ତିଗିରିଆ ନିଜିଗଡ଼ ସଂରକ୍ଷିତ ଶାଗୁଆନ ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଥିଲା। ଏକଥା ଜଣାପଡ଼ିବା ପରେ ତିଗିରିଆ ବନ ବିଭାଗ କର୍ମଚାରୀ ଏବଂ ଦମକଳ ବାହିନୀ କମର୍ଚାରୀ ମିଳିତଭାବେ ନିଆଁକୁ ଆୟତ୍ତ କରିଥିଲେ। ଆଠଗଡ଼ରେ ବନ ବିଭାଗର ଏକ ବୈଠକରେ ଯୋଗଦେବାକୁ ଯାଇଥିବା ତିଗିରିଆ ବନପାଳ ସୁଚରିତା ସାମନ୍ତରାୟ ଜଙ୍ଗଲ ନିଆଁ ସମ୍ପର୍କରେ ଖବର ପାଇବା ପରେ ସେଠାରୁ ତୁରନ୍ତ ଆସି ନିଆଁକୁ ନିୟନ୍ତ୍ରଣ କରିବା ଲାଗି କର୍ମଚାରୀଙ୍କୁ ସାଥିରେ ନେଇ ଉଦ୍ୟମ ଚଳାଇଥିଲେ। ଜଙ୍ଗଲରେ ନିଆଁ ଲାଗିବା ପରେ ବିଭିନ୍ନ ଶୁଖିଲା ଛୋଟମୋଟ ଗଛ ସହିତ ତଳେ ପଡ଼ିଥିବା ଶୁଖିଲା ବାଉଁଶବୁଦା ଜଳି ଯାଇଥିଲା। ଏଥିସହିତ ପତ୍ରରେ ନିଆଁ ଲାଗିବାରୁ ତାହା କ୍ଷିପ୍ର ବେଗରେ ମାଡ଼ି ଚାଲିଥିଲା। ନିଆଁ ପ୍ରଭାବରେ ଶାଗୁଆନ ଗଛ ସହିତ ଚାକୁଣ୍ଡା ଓ ବାଉଁଶବୁଦା ଗୁଡ଼ିକ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଜଳିଯାଇଛି। ଛୋଟଛୋଟ ବନ୍ୟାଜନ୍ତୁ, ବାର୍‌ହା ଓ କୁଟୁରା ଜଳିପୋଡ଼ି ମରିଯାଇଥିବା ଆଶଙ୍କା ପ୍ରକାଶ ପାଇଛି। ଜଙ୍ଗଲରେ ମୂଲ୍ୟବାନ ଶାଗୁଆନ ଗଛ ମଧ କଟାଯାଇଥିବା ଦେଖିବାକୁ ମିଳିଛି। କାଠମାଫିଆ, ବନ୍ୟଜନ୍ତୁ ଶିକାରୀ କିମ୍ବା ଜଙ୍ଗଲଯାତ ସରଞ୍ଜାମ ସଂଗ୍ରହ କରୁଥିବା ଦୁର୍ବୃତ୍ତ ନିଆଁ ଲଗାଇଥାଇ ପାରେ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।

### ଏସ୍‌ୟୁସିଆଇ(ସି)ର ନିର୍ବାଚନ ପ୍ରଚାର

**କଟକ ଅଫିସ,୧୬।୪:** କଟକ ସଦର ଅଞ୍ଚଳରେ ମଙ୍ଗଳବାର ଏସ୍‌ୟୁସିଆଇ(ସି) ପକ୍ଷରୁ ନିର୍ବାଚନୀ ପ୍ରଚାର ସହ ରୋଡ୍ ଶୋ ହୋଇଛି। କଟକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କମ୍ରେଡ ରାଜକିଶୋର ମଲ୍ଲିକ ଓ କଟକ ସଦର ବିଧାନସଭା ପ୍ରାର୍ଥୀ କମ୍ରେଡ ପରମାନନ୍ଦ ସେଠୀ ଏଥିରେ ଯୋଗଦେଇଥିଲେ। ମଙ୍ଗଳବାର ସକାଳେ ନେମାଲରୁ ଶତାଧିକ ଶ୍ରମିକଙ୍କ ସୁସଜ୍ଜିତ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲା। ନେମାଳ, ତିଳକଣା, ଜନାର୍ଦ୍ଦନପୁର, କଲମିଶିରି, ବନ୍ଧୁପୁର, ପାଳଦା ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ଶୋଭାଯାତ୍ରାକାରୀମାନେ ଏସ୍‌ୟୁସିଆଇ(ସି)ର ସମର୍ଥିତ ଗ୍ଲାସ ଚିହ୍ନରେ ଭୋଟ୍‌ଦେଇ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

■ ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ଆଠଗଡ଼,୧୬।୪(ସ୍ୱ.ପ୍ର.)**

ଆଠଗଡ଼ ଥାନା ଖୁଣ୍ଟକଟା ପଞ୍ଚାୟତ ଅଧୀନ ରେଗେଡ଼ାପଡ଼ା ଗ୍ରାମର ଜଣେ ଭାଜପା କର୍ମୀଙ୍କୁ ମଙ୍ଗଳବାର ଅପରାହ୍ନରେ ଆକ୍ରମଣ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ କର୍ମୀଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ସାଢ଼େ ୭ଟାରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁସାରେ, ସୋମବାର ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ପକ୍ଷରୁ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ଏହି ରୋଡ୍ ଶୋରେ ରେଗେଡ଼ାପଡ଼ା ଗ୍ରାମର ଭାଜପା କର୍ମୀ ମାୟାଧର ନାଥ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ରୋଡ୍ ଶୋ ଖୁଣ୍ଟକଟା ଗ୍ରାମ ଅତିକ୍ରମ କରିବା ସମୟରେ ମାୟାଧର ସେଠାକାର କେତେଜଣ ବିଜେଡି କର୍ମୀଙ୍କୁ ଗାଳି ଗୁଲଜ କରିଥିଲେ। ଏକଥା ବିଜେଡି କର୍ମୀମାନେ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ମଙ୍ଗଳବାର ଅପରାହ୍ନରେ ମାୟାଧର କୌଣସି କାମରେ ଗ୍ରାମରୁ ଆଠଗଡ଼ ଆଡେ ଆସୁଥିଲେ। ଏହି ସମୟରେ ଖୁଣ୍ଟକଟାଠାରେ ୨ ଯୁବକ ମାୟାଧରଙ୍କୁ ଅଟକାଇ କାହିଁକି ଗାଳିଗୁଲଜ କରୁଥିଲ ବୋଲି ପଚାରିବା ସହ ଠେଙ୍ଗାରେ ତାଙ୍କ ଗୋଡ଼କୁ ଆକ୍ରମଣ କରିଥିଲେ। ଏ ନେଇ ମାୟାଧର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଚଳାଇଥିବା ବେଳେ ସନ୍ଧ୍ୟାରେ ବିଧାୟକ ପ୍ରାର୍ଥୀ ରାୟ ଓ ତାଙ୍କ ଶତାଧିକ କର୍ମୀ ଥାନାରେ ପହଞ୍ଚି ତୁରନ୍ତ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବିକରି ଥାନା ଘେରାଉ କରିବା ସହ ସେଠାରେ ରାସ୍ତାରୋକୋ କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସପି ଜି. ଆର. ପାଣିଗ୍ରାହୀ ପହଞ୍ଚି ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷପ ଗ୍ରହଣ କରାଯିବ ବୋଲି ଉତ୍ତ୍ୟକ୍ତ କର୍ମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ସେପଟେ ମାୟାଧର ମଧ୍ୟ କାହାରିକୁ ଗାଳିଗୁଲଜ କରି ନ ଥିବା ପ୍ରକାଶ କରିଛନ୍ତି।



ଉତ୍ତ୍ୟକ୍ତ କର୍ମୀଙ୍କୁ ଗ୍ରାମାଞ୍ଚଳ ଏସ୍‌ପି ବୁଝାଶୁଝା କରୁଛନ୍ତି।

■ପୋଲିସର ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

■ଦୁଇ ଯୁବକ ଅଟକାଇ ମାଡ଼ ମାରିଥିଲେ

■ ସିଏମ୍‌ସି କାର୍ଯ୍ୟରତ ଠିକା ସଫେଇ କର୍ମଚାରୀଙ୍କ ଧାରଣା

# ଦିନ ମଜୁରିଆଙ୍କଠାରୁ ମିଳୁଛି କମ୍ ଦରମା

**କଟକ ଅଫିସ,୧୬।୪**

କଟକ ମହାନଗର ନିଗମ କାର୍ଯ୍ୟାଳୟରେ ଥିବା ସଫେଇ କର୍ମଚାରୀମାନଙ୍କ ଦରମା ବୃଦ୍ଧି ନେଇ ମଙ୍ଗଳବାର କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଧାରଣା ଦେଇଥିଲେ। ସକାଳୁ କର୍ମଚାରୀମାନେ କାମ ବନ୍ଦ କରିଥିଲେ। କର୍ମଚାରୀମାନଙ୍କୁ ବୁଝାଶୁଝା ପରେ ସେମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ସୁପରଭାଇଜର କର୍ମଚାରୀଙ୍କ ସହ କଥାବାର୍ତ୍ତା କରି ଦରମା ବଢ଼ାଇବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୁପରଭାଇଜର ଧାରଣାକୁ ଏଡାଇ ଯାଇଥିଲେ ମଧ୍ୟ ଦରମା ବଢାଇବାକୁ କର୍ମଚାରୀମାନେ ଦାବି କରୁଥିବା କହିଛନ୍ତି, ଦାବିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। ମହାନଗର ନିଗମ କାର୍ଯ୍ୟାଳୟରେ ୫ ଜଣ ସଫେଇ କର୍ମଚାରୀ କାମ କରୁଛନ୍ତି। ସେମାନେ ହେଲେ ଆର. ଚେନୀ, ଜି.ଆପା ରାଓ, ପି. ଲକ୍ଷ୍ମୀ, ମୀନା ନାୟକ ଓ ସୁକୁମାରୀ ନାୟକ। ଏମାନେ ଦୀର୍ଘ ୧୧ ବର୍ଷ ହେବ ମହାନଗର ନିଗମ କାର୍ଯ୍ୟାଳୟରେ କାମ କରି ଆସୁଛନ୍ତି। କିନ୍ତୁ ତାଙ୍କ ଦରମା ୩୦୦୦ ଟଙ୍କାରେ ସୀମିତ ରହିଯାଇଛି। ଫଳରେ କର୍ମଚାରୀମାନେ ଆର୍ଥିକ ଅନଟନ ଦେଇ ଗତି କରୁଛନ୍ତି। ଦୀର୍ଘବର୍ଷ ହେବ କାର୍ଯ୍ୟାଳୟ ପରିସର ଭିତର ହେଉ କିମ୍ବା ବାହାର ଏମାନଙ୍କ କାମ କରି ସଫାସୁତରା ରଖୁଛନ୍ତି। କିନ୍ତୁ ୧୧ ବର୍ଷ ବିତି ଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଦରମା ଜଣକୁ ଦିନ ପିଛା ୧୦୦ ଟଙ୍କା ଆକାରରେ ଦିଆଯାଉଛି। ଯାହାକି ସରକାରୀ ଭାବେ ଧାର୍ଯ୍ୟ କରୁଥିବା ଦରଠାରୁ କମ୍। ସରକାର ଶ୍ରମିକମାନଙ୍କ ନିମନ୍ତେ ୨୮୦ଟଙ୍କା ଦୈନିକ ମଜୁରି ଧାର୍ଯ୍ୟ କରିଥିଲେ ମଧ୍ୟ ଏହି ଆଦେଶକୁ ସରକାରୀ କାର୍ଯ୍ୟାଳୟରେ ଅବମାନନା କରାଯାଉଥିବା ଦେଖିବାକୁ ମିଳୁଛି।

# କଟକ ଜିଲା କଂଗ୍ରେସ କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ନେତୃବୃନ୍ଦ।

**କଟକ ଅଫିସ,୧୬।୪**

କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଇଂ. ମହମ୍ମଦ ମୋକିମଙ୍କ ପୌରୋହିତ୍ୟରେ ମଙ୍ଗଳବାର ସ୍ଥାନୀୟ ସାରଳା ଭବନଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୫୯ଟି ୱାର୍ଡର କର୍ମକର୍ତ୍ତା, ସଭାପତି, ବ୍ଲକ ସଭାପତି, କର୍ପୋରେଟର, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, କଂଗ୍ରେସ ସଂଖ୍ୟାଲଘୁ କର୍ମକର୍ତ୍ତା, କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ନିଜ ଅଞ୍ଚଳରେ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିବା ସହ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବା ଦିଗରେ ଆଗେଇ ଆସିବାକୁ ସଭାପତି ମୋକିମ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଚୌଦ୍ୱାର କଟକ କଂଗ୍ରେସ ପ୍ରାର୍ଥୀ ଜଗଦୀଶ ମହାନ୍ତି ଓ କଟକ ସଦର ପ୍ରାର୍ଥୀ ଅଭିଷେକ ମହାନନ୍ଦ ଉଦ୍‌ବୋଧନ ଦେଇ କଂଗ୍ରେସ କର୍ମୀମାନେ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସାମଲ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସାବିତ୍ରୀ ଚୌଧୁରୀ, ରେଣୁବାଳା ରାଉତ, ଗିରିବାଳା ବେହେରା, କିଶୋର କର, ବିଜୟ ବାରିକ, ମାନସ ପରିଡା,ଡ. ସନ୍ତୋଷ ବଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ଶତାଧିକ ବିଜେଡି କର୍ମୀଙ୍କ ଭାଜପାରେ ଯୋଗଦାନ

**କଟକ ଅଫିସ,୧୬।୪**

ୱାର୍ଡ ନଂ.୩ ଓ ୩୩ର ଶତାଧିକ ବିଜେଡି କର୍ମୀ କଟକ-ବାରବାଟୀ ଭାଜପା ବିଧାୟକ ପ୍ରାର୍ଥୀ ସମୀର ଦେଙ୍କ ବାସଭବନରେ ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ଆସିଲେ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହୋଇପାରିବ ସେ ଆଶା ନେଇ ଭାଜପାରେ ଯୋଗଦାନ କରିଥିବା କର୍ମକର୍ତ୍ତା କହିଛନ୍ତି। ଏହି ମିଶ୍ରଣ ପର୍ବରେ ଲକ୍ଷ୍ମୀଧର ପ୍ରଧାନ, ଦେବାଶିଷ ଘୋଷ, ରାଜେନ୍ଦ୍ର ସାମଲ, ବିଜୟ ମହାପାତ୍ର, ଦୀପକ କୁମାର ନାଗ ଉପସ୍ଥିତ ଥିଲେ।

## ୧୯ରୁ ମା' ହାଡ଼ବାଈଙ୍କ ଯାତ୍ରା ଉତ୍ସବ

**ଫୁଲନଖରା,୧୬।୪(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନସ୍ଥ ନୂଆଗଡ଼ ଗ୍ରାମର ମା' ହାଡ଼ବାଈଙ୍କ ଯାତ୍ରା ଉତ୍ସବ ଆସନ୍ତା ୧୯ତାରିଖ ଠାରୁ ଆରମ୍ଭ ହେବ। ୭ଦିନ ଧରି ନୂଆଗଡ଼ ଯାତ୍ରା ପଡିଆରେ ପାରମ୍ପରିକ ରୀତି ଅନୁସାରେ ଅନୁଷ୍ଠିତ ହେବ। ଏନେଇ ସୋମବାର ରାତିରେ ଅନନ୍ତ ବଳିଆ କଲେଜ ପରିସରରେ ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଯତୀନ୍ଦ୍ର ନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କଟକ କମିଶନରେଟ ପୋଲିସ ଜୋନ-୪ ଏସିପି କୃଷ୍ଣପ୍ରସାଦ ଦାଶ, କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଉପସଭାପତି ବିକ୍ରମ କେଶରୀ ଶତପଥୀ, ସମ୍ପାଦକ ବିଜୟ କୁମାର ରାଉତରାୟ, ଯାତ୍ରା ମହୋତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ଶିଶିର କୁମାର ରାଉତରାୟ, ତ୍ରୈଲୋକ୍ୟ ପ୍ରଧାନ, ଉମ୍ବରୁଧର ସାମନ୍ତରାୟ, କେଦାରନାଥ ସିଂ ପ୍ରମୁଖ ଯୋଗଦେଇ ଯାତ୍ରା ମହୋତ୍ସବକୁ ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ ଗ୍ରାମର ଯୁବକ, ବୁଦ୍ଧିଜୀବୀ ଓ ପୋଲିସ ପ୍ରଶାସନର ସହଯୋଗ ଲୋଡିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଯୋଗମୁଦ୍ରା ।

**ନରାଜ/କଟକ ଅଫିସ୍, ୧୬।୪(ଡି.ଏନ୍.ଏ.)**

ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍ ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ ଓ କଳା ପ୍ରଦର୍ଶନୀ ମଙ୍ଗଳବାର ପାଳିତ ହୋଇଯାଇଛି। ସିଆଇଏସ୍‌ଏଫ୍ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ୩ୟ ବାଟାଲିୟାନର ସିନିୟର କମାଣ୍ଡାଣ୍ଟ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟାକବ କିସପୋଟା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆଇଏସ୍‌ଏଫ୍‌ର ସିନିୟର କମାଣ୍ଡାଣ୍ଟ ଅପରାଜିତା ମହାପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ଏମ୍‌ପି ବେଗ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ ପି.ସି. ସାହୁ, ରିତା ସାହୁ, ଜେ.କେ. ମହାନ୍ତି, ବନ୍ଦନା ବାଭି, ଉମା କୁମାରୀ ଓ ଅପୁନ୍ନା ନାଥଶର୍ମା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯୋଗମୁଦ୍ରା ପ୍ରଦର୍ଶିତ ହୋଇଥିଲା।

## କଂଗ୍ରେସର କର୍ମୀ ସମ୍ମିଳନୀ

**କଣ୍ଟାପଡ଼ା,୧୬।୪(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ପଞ୍ଚାୟତରେ ମଙ୍ଗଳବାର କଂଗ୍ରେସର କର୍ମୀ ସମ୍ମଳନୀ ଓଲଟପୁରସ୍ଥିତ ଗୁମ୍ଫଗାଦୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭରତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲିକ, ଶରତ ସିଂହ, ହେମନ୍ତ ମଲ୍ଲିକ, କଂଗ୍ରେସ ପ୍ରାର୍ଥୀ ମମତା ଭୋଇ ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ଯୋଗଦେଇଥିଲେ।

# ମାଇକ୍ରୋ ଅବଜର୍‌ଭରଙ୍କୁ ପ୍ରଶିକ୍ଷଣ

**କଟକ ଅଫିସ, ୧୬।୪**

ନିର୍ବାଚନ ବୁଥଗୁଡ଼ିକରେ ମତଦାନ ପ୍ରକ୍ରିୟାକୁ ଠିକ ଭାବେ ତଦାରଖ ନିମନ୍ତେ ମାଇକ୍ରୋ ଅବଜର୍‌ଭର (ଅଣୁ ପର୍ଯ୍ୟବେକ୍ଷକ)ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ମଙ୍ଗଳବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମାଇକ୍ରୋ ଅବଜର୍‌ଭରମାନେ ପୁଲିଂ ପାର୍ଟି ଭାରତ ନିର୍ବାଚନ କମିଶନଙ୍କ ଆଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରିଜାଇଡିଂ ଅଫିସରମାନେ ସେମାନଙ୍କର ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ତଦାରଖ କରିବା ସହ ଇଭିଏମ ଓ ଭିଭିପିଏଟ ମେଶିନ ଠିକ କାର୍ଯ୍ୟ କରିବା ଦିଗରେ ଧ୍ୟାନ ଦେବେ। ଭୋଟ ସରିବା ପରେ ମେଶିନଗୁଡିକ ଠିକ୍ ଭାବେ ସିଲ କରିବା, ଅନୈତିକ ଭୋଟଦାନ ନ ହେବା ସହ ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ସତର୍କତାର ସହିତ କଡାକଡି ଭାବେ ତଦାରଖ କରିବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ମତଦାନ କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ହେବା, ମତଦାନ ଦିବସ ଦିନ ସକାଳ ସାଢେ ୫ଟା ସମୟରେ ପୁଲିଂ ଏଜେଣ୍ଟ ଓ ପ୍ରିଜାଇଡିଂ ଅଫିସର ଉପସ୍ଥିତିରେ ମକପୁଲ ଅନୁଷ୍ଠିତ କରାଇବା ସମ୍ବନ୍ଧରେ ଅଣୁପର୍ଯ୍ୟବେକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦରାଓ ବିଷ୍ଣୁ ପାଟିଲ, ଏ. ଭି. କାଲାରିଆ, ବିଜୟ ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ସରୋଜକାନ୍ତ ମହାନ୍ତି, ଶରତ ଚନ୍ଦ୍ର ନାୟକ, ଜୟନ୍ତ ନାରାୟଣ ଷଡଙ୍ଗୀ ଉପସ୍ଥିତ ଥିଲେ।

# ଟାଣ ଖରାର ସାହା ପାଲଟିଛି ସର୍ବତ

**କଟକ ଅଫିସ,୧୬।୪**

**ଖରାରେ ଜଳୁଛି ସହର**

ଏପ୍ରିଲ ପହିଲାରୁ ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବଢିବାରେ ଲାଗିଛି। ଦିନ ୧୦ଟା ପରଠାରୁ ଘରୁ ବାହାରିବା ମୁସକିଲ ହୋଇଗଲାଣି। ପଦାକୁ ବାହାରିବା ମାତ୍ରେ ଦେହତାତି ଜଳିଗଲା ଭଳି ଲାଗୁଛି। ଆକାଶରୁ ଅଗ୍ନିବର୍ଷା ଅନୁଭୂତ ହେଉଛି। ଏବେଠୁ ହିଁ ସହରର ତାପମାତ୍ରା ୪୦ଡିଗ୍ରୀ ଛୁଇଁଲାଣି। ଏଭଳି ପରିସ୍ଥିତରେ ସହରକୁ ଆସୁଥିବା ବ୍ୟବସାୟୀ କିମ୍ବା ରାସ୍ତାରେ ବାଟୋଇଙ୍କ ଅବସ୍ଥା ନ କହିବା ଭଲ। ସହରରେ ଏ ପର୍ଯ୍ୟନ୍ତ ଠିକ ଭାବେ ଜଳଛତ୍ରଟିଏ ଖୋଲି ନ ଥିବାରୁ ସମଗ୍ର ଅଞ୍ଚଳରେ ଟୋପାଏ ପାଣି ମିଳିବା କଷ୍ଟକର। ଖରା ଯୋଗୁ ଶୋଷ ମେଣ୍ଟାଇବାକୁ ବିଭିନ୍ନ ଅସ୍ଥାୟୀ ମୃଦୁ ପାନୀୟ ଦୋକାନ ଉପରେ ନିର୍ଭର କରନ୍ତି ଲୋକେ। ବିଶେଷକରି ଦେଶୀ ପାନୀୟ ଚାହିଦା ବହୁତ ରହିଥିବା ଦେଖିବାକୁ ମିଳୁଛି। ଦେଶୀ ପାନୀୟ ସାଙ୍ଗକୁ ମିଠା ସୁସ୍ୱାଦଯୁକ୍ତ ପାନୀୟ ବାଟୋଇକୁ ଆକୃଷ୍ଟ କରିବା ସହ ତୃଷା ମେଣ୍ଟାଇବାରେ ପ୍ରମୁଖ ମାଧ୍ୟମ ପାଲଟିଛି।

### ଦହି, ଲେମ୍ବୁ ସର୍ବତ

ସହରରେ ଦହି, ଲେମ୍ବୁସର୍ବତର ଚାହିଦା ଦେଖିବାକୁ ମିଳୁଛି। ଲେମ୍ବୁ ଜଲ୍‌ଜିରା ସାଙ୍ଗକୁ ଦହିପଣା ଖରା ସମୟରେ ଲୋକଙ୍କ ଶୋଷ ମେଣ୍ଟାଇବାରେ ବେଶ୍ ସାହାଯ୍ୟ କରୁଛି। ଲେମ୍ବୁ ପଣାର ଦାମ୍ ୧୦ଟଙ୍କା ଥିବାବେଳେ ଦହି ସର୍ବତ ମଧ ୧୦ଟଙ୍କା ରହିଛି।

### ତୁଳସୀ, ଗୋଲମରିଚ ସର୍ବତ

ବାରବାଟୀ ଷ୍ଟାଡିୟମ ନିକଟରେ ରହିଛି ଏହି ସର୍ବତ ଦେକାନ। ତୁଳସୀ ଓ ଗୋଲମରିଚରେ ଏହି ସର୍ବତ ପ୍ରସ୍ତୁତ କରାଯାଉଛି। ଷ୍ଟାଡିୟମକୁ ଆସୁଥିବା ଖେଳାଳି ଓ ବାଟୋଇ ଏହି ଦୋକାନ ଆଗରେ ଭିଡ ଲଗାନ୍ତି। ସହରରେ ମିଳୁଥିବା ଅନ୍ୟ ସର୍ବତ ଅପେକ୍ଷା ପେଟ ପାଇଁ ଏହା ଅଧିକ ଥଣ୍ଡା ବୋଲି ଲୋକେ ଅଧିକ ପସନ୍ଦ କରୁଛନ୍ତି।

### ଆଖୁରସ

ଖରାଦିନ ଆସିଲେ ସହରରେ ଆଖୁରସର ଚାହିଦା ବଢିଯାଏ। ସହରର ବିଭିନ୍ନ ଗଳିକନ୍ଦିରେ ଠେଲା ଗାଡି ମାଧ୍ୟମରେ ଆଖୁପେଡା ମେଶିନ ଦ୍ୱାରା ଆଖୁରସ ବିକ୍ରି କରାଯାଏ। ଆଖୁକୁ ପେଡି ସେଥିର ରସକୁ ଲେମ୍ବୁ, ପୁଦିନା ବରଫ ମାଧ୍ୟମରେ ସର୍ବତ କରି ଲୋକଙ୍କୁ ଦିଆଯାଏ। ଯାହାର ଦାମ ଗ୍ଲାସ ପିଛା ୧୦ରୁ ୧୫ଟଙ୍କା ରହିଛି।

### ଲସି ଓ ରାବିଡ଼ି ସର୍ବତ

ଖରାଦିନ ଆସିବା ପୂର୍ବରୁ ସହରରେ ଅସ୍ଥାୟୀ ସର୍ବତ ଓ ଲସି ଦୋକାନ ଖୋଲି ଦିଆଯାଏ। ବାଦାମବାଡି, କଲେଜ ଛକ, ମଙ୍ଗଳାବାଗ, ଓଏମ୍‌ପି ଓ ଚଣ୍ଡୀମନ୍ଦିର ଛକ ଆଦି ଅଞ୍ଚଳରେ ସର୍ବତ ଦୋକାନ ଖୋଲିଛି। ସ୍ପେଶାଲ ରାବିଡି ଲସି ୫୦ରୁ ୮୦ଟଙ୍କା ଥିବା ବେଳେ ଦହିଲସି ୩୦ରୁ ୫୦ଟଙ୍କା ମଧ୍ୟରେ ରହିଛି। ସେହିପରି ବିଭିନ୍ନ ଫଳ ଜୁସ ୨୫ଟଙ୍କାରୁ ଆରମ୍ଭ କରି ୫୦ଟଙ୍କା ପର୍ଯ୍ୟନ୍ତ ରହିଛି।

### ବିଭିନ୍ନ ପ୍ରକାର ଆଇସକ୍ରିମ

ସହରରେ ବିଭିନ୍ନ ପ୍ରକାରର ଆଇସକ୍ରିମ ମିଳୁଛି। ଯାହାକି ଛୋଟପିଲାଠାରୁ ବଡଲୋକ ପର୍ଯ୍ୟନ୍ତ ସଭିଏଁ ଖରାଦିନେ ଆଇସକ୍ରିମର ମଜା ନେଉଛନ୍ତି। ବିଭିନ୍ନ ବ୍ରାଣ୍ଡ କମ୍ପାନୀ ୫ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ଆଇସକ୍ରିମ ବଜାରରେ ମିଳୁଛି।



କଟକ ତୁଳସୀପୁର ଅଞ୍ଚଳରେ ମଙ୍ଗଳବାର ବାଟବାଟୀ-କଟକ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପ୍ରଚାର, ପଦଯାତ୍ରା।



କଟକ ସିଡିଏ ସେକ୍ଟର-୯ସ୍ଥିତ ଭାଜପା କାର୍ଯ୍ୟାଳୟଠାରୁ କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ସାଇକେଲ ଚଳାଇ ପ୍ରଚାର କରୁଛନ୍ତି।



ଚୌଦ୍ୱାର ପୌରାଞ୍ଚଳରେ ଭାଜପା ପ୍ରାର୍ଥୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।



ଜଣେ ତୁମର ନିନ୍ଦା କରୁଥିଲାବେଳେ ନୀରବତା ହେଉଛି ତୁମର ଶ୍ରେଷ୍ଠ ବନ୍ଧୁ।

-ଯୋଶେଫ ଆଡିଶନ

## ସଂକ୍ଷେପରେ

### ହତ୍ୟା ଘଟଣାରେ ଜଣେ ଗିରଫ

**କଣାସ, ୧୬।୪(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ସାଉରିଆ ପଞ୍ଚାୟତର କୁଆପଦା ଗ୍ରାମରେ ୨୦୧୭ ମସିହାରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଡେଲାଙ୍ଗ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି। ଏହି ହତ୍ୟାକାଣ୍ଡ ଘଟଣାରେ କୁଆପଦା ଗ୍ରାମର ପ୍ରସନ୍ନ ବୈରାଗନ(୫୦)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୨ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଡେଲାଙ୍ଗ ପୋଲିସ ପୁରୀରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି। ସେ ସମୟରେ ଡେଲାଙ୍ଗ ପୋଲିସ ଅଭିଯୋଗକୁ ଭିତ୍ତିକରି ୯୦/୧୭ ମାମଲା ରୁଜୁ କରିଥିଲା। ହତ୍ୟାକାଣ୍ଡ ପରଠାରୁ ଅଭିଯୁକ୍ତମାନେ ଫେରାର ରହିଥିବାବେଳେ ସେମାନଙ୍କ ନାମରେ ୱାରେଣ୍ଟ ଇସ୍ୟୁ ହୋଇଥିଲା। ଜିଆର କେସ୍‌ନମ୍ବର ୧୮୮ ଏ /୧୭ ବଳରେ ଡେଲାଙ୍ଗ ପୋଲିସ ଅନ୍ୟତମ ଅଭିଯୁକ୍ତ ବିଭୁଦତ୍ତବଳିଆରସିଂହ(୩୨)ଙ୍କୁ ପୁରୀରୁ ସିବିଚ୍ ଥାନା ପୋଲିସ ସହଯୋଗରେ ଗିରଫ କରିବାରେ ସକ୍ଷମ ହୋଇଥିବା ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଏସିଡ୍‌ମାଡ଼ ଘଟଣାରେ ଜଣେ ଗିରଫ

ବ୍ରହ୍ମଗିରି, ୧୬।୪(ଡି.ଏନ୍.ଏ.)-ପୂର୍ବରୁ ହୋଇଥିବା ଏସିଡ୍‌ମାଡ ଘଟଣାରେ ବ୍ରହ୍ମଗିରି ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପ ମାଣିକ ଗ୍ରାମର ସୁରଥ ଜେନା (୫୨)। ସୁରଥଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ତାଙ୍କୁ ଗିରଫ କରାଯାଇ ଚିକିତ୍ସା ପାଇଁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଣିଆକିଆ ଜଙ୍ଗଲକୁ ନେଇ ସାହାଜାନପୁର ଓ ଚାପମାଣିକ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଥିଲା। ୧ତାରିଖ ବିଳମ୍ବିତ ରାତିରେ ଚାପମାଣିକ ଗ୍ରାମର କିଛି ଲୋକ ସାହାଜନପୁର ଗ୍ରାମବାସୀ ରହୁଥିବା କୁଡିଆରେ ପହଞ୍ଚି ସେମାନଙ୍କ ଉପରକୁ ଏସିଡ୍ ମାଡକରିବା ସହ କୁଡିଆକୁ ନିଆଁ ଲଗାଇ ଦେଇଥିଲେ। ଏହି ଏସିଡ ମାଡ ଓ ଅଗ୍ନିକାଣ୍ଡରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସମୟରେ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି ।

### ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ସାକ୍ଷୀଗୋପାଳ, ୧୬।୪(ଡି.ଏନ୍.ଏ.):** ସାକ୍ଷୀଗୋପାଳ ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ନିର୍ଦ୍ଦେଶକ ପ୍ର. ହରିହର ମିଶ୍ର ଯୋଗଦେଇ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ପ୍ରତି ଗୁରତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଇଓ ମମତା ମିଶ୍ର ଯୋଗଦେଇଥିଲେ। ପ୍ରିତଷ୍ଠାନର ଅଧକ୍ଷା ସୁଜାତା ମହାନ୍ତି ଉତ୍ସବରେ ଅଧକ୍ଷତା କରିଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ମିଶ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ସମୟ ଲେଖୁଛି ଦୁଃଖ କାହାଣୀ' ପରିବେଷଣ କରିଥିଲେ। ବାର୍ଷିକ କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



ଖୋର୍ଦ୍ଧା ଏସପି ଅଫିସ ନିକଟରେ ବର୍ଜ୍ୟବସ୍ତୁରେ ନିଆଁ ଲଗାଇ ଦିଆଯାଇଛି ।




ସହରର ବିଭିନ୍ନ ସ୍ଥାନରେ କେବଳ ଜଳଛତ୍ରର ବ୍ୟାନର ଲାଗିଛି ।

# ମୁଣ୍ଡଫଟା ଖରା: ଲୋକେ ଉହଳବିକଳ

**ଖୋର୍ଦ୍ଧା ଅଫିସ,୧୬।୪**

ପାରଦ ବଢ଼ି ଚାଲିଛି। ସତେ ଯେପରି ଅଗ୍ନିବର୍ଷା ଭଳି ଲାଗୁଛି। ଏପ୍ରିଲର ମୁଣ୍ଡଫଟା ଖରା ମଣିଷ ଓ ପଶୁପକ୍ଷୀଙ୍କୁ ଉହଳବିକଳ କରାଉଛି। ଜଳାଶୟଗୁଡିକ ଶୁଖି ଯାଇଥିବାରୁ ପାଣି ଟୋପାଏ ପିଇବାକୁ ପଶୁପକ୍ଷୀମାନେ ଏଣେତେଣେ ଘୂରି ବୁଲୁଛନ୍ତି। ଛାତ ଉପରେ ଥିବା ପାଣିଟାଙ୍କି, ଲିକ୍ କରୁଥିବା ପାଣି ପାଇପ୍ ଓ ନଳକୂପ ନିକଟରେ ପକ୍ଷୀମାନେ ଚକ୍କର କାଟୁଛନ୍ତି। ଗୋରୁ, ଷଣ୍ଢ ଓ ବୁଲା କୁକୁର ସବୁ ପାଣି ପାଇଁ ଉହଳବିକଳ ହେଉଛନ୍ତି। ଅନ୍ୟପକ୍ଷେ ପୂର୍ବାହ୍ନ ୮ରୁ ତାତି ଅସମ୍ଭାଳ ହୋଇପଡୁଛି। ଘରୁ ପାଦ କାଢ଼ିବାକୁ ମନେ ହେଉନି। ଯଦିବା କିଏ ବାହାରକୁ ବାହାରୁଛି, ହାତରେ ଛତା ଅଥବା ମୁଣ୍ଡରେ ରୁମାଲ, ଗାମୁଛା, ଓଢ଼ଣୀ ଓ ଟୋପି ପିନ୍ଧୁଥିବା ଦେଖିବାକୁ ମିଳୁଛି। ଜିଲା ସଦର ମହକୁମାରେ ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ରହିଥିବା ବେସରକାରୀ ଭାବେ ରେକର୍ଡ କରାଯାଇଛି। ଅହେତୁକ ତାପମାତ୍ରା ବୃଦ୍ଧି ଏବେ ସାଧାରଣ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପୂର୍ବାହ୍ନ ୧୦ଟାରୁ ସହରର ଦୋକାନ ବଜାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ସହରରେ ଗଛସଂଖ୍ୟା କମିଯିବା, ଶିଳ୍ପ ବଢୁଥିବା କାରଣରୁ ଖରାର ପ୍ରକୋପ ବଢ଼ିଥିବା କୁହାଯାଉଛି। ଖରାର ପ୍ରକୋପ କାରଣରୁ ରାସ୍ତାଘାଟ ବି ଶୂନଶାନ ହୋଇ ପଡୁଛି। କାଁ ଭାଁ କେଉଁଠି ରାସ୍ତାକଡରେ ଆଖୁରସ, ଆଇସକ୍ରିମ ଢ଼େଲା, କାକୁଡି, ଦହିବରା, ତରଭୁଜ ଭଳି ପସରା ପଡିଛି। ଲୋକେ ଏଗୁଡିକ ଖାଇ ବା ପିଇ ଶୋଷ ମେଣ୍ଟାଉଛନ୍ତି। ମୃଦୁ ପାନୀୟ ଓ ପାଉଚ ପାଣିର ମଧ୍ୟ ଭଲ ବିକ୍ରି ଚାଲିଛି। ବାଟୋଇ ମାନେ କିଏ ଗଛମୂଳେ ତ ଆଉ କିଏ କୋଠା ତଳେ, ଦୋକାନ ବାରଣ୍ଡା, ବସଷ୍ଟାଣ୍ଡରେ ଅପେକ୍ଷା କରୁଥିବାର କରୁଛନ୍ତି। ଜିଲା , ଉପଜିଲାପାଳଙ୍କ କାର୍ଯ୍ୟାଳୟ, ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ୨୪ ଘଣ୍ଟା ଏହା ଖୋଲିବ। ତେବେ ଏହା ମନଇଚ୍ଛା ଖୋଲୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଖୋର୍ଦ୍ଧା ଏସ୍‌ପିଙ୍କ ଅଫିସ ପାଖରେ ବର୍ଜ୍ୟବସ୍ତୁ ଜଳୁଛି। ଏହା ଗରମକୁ ଦ୍ୱିଗୁଣିତ କରିବା ସହ ଏହାର ଦୁର୍ଗନ୍ଧରେ ବାଜପୁର ରାସ୍ତା ଓ ୧୬ ନଂ ଜାତୀୟ ରାଜପଥରେ ଯିବାଆସିବାରେ ସମସ୍ୟା ସୃଷ୍ଟି କରୁଛି।

### ବ୍ୟାନରରେ ଜଳଛତ୍ର

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ଓ ଜଳକଷ୍ଟ ନିରାକରଣ ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ କିଛିଦିନ ତଳେ ଅନୁଷ୍ଠିତ ହୋଇଥିଲା। ତେବେ ବ୍ୟାନରରେ ରହିଯାଇଛି ଜଳଛତ୍ର। ଖୋର୍ଦ୍ଧା ଜିଲା ସଦର ମହକୁମାର ସମବାୟ ବ୍ୟାଙ୍କ ଛକ ନିକଟରେ ଖୋଲିଥିବା ଜଳଛତ୍ର କେବଳ ବ୍ୟାନରରେ ଲେଖା ଅଛି। ସହରର ଅନ୍ୟ କେଉଁ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା ନାହିଁ। ସହରାଞ୍ଚଳର ବିଭିନ୍ନ ମୁଖ୍ୟ ଛକ ତଥା ଜନଗହଳି ପୂର୍ଣ୍ଣ ହାଟ ବଜାର, ବସଷ୍ଟାଣ୍ଡ, ରେଳ ଷ୍ଟେଶନ ଆଦି ସ୍ଥାନରେ ଜଳଛତ୍ର ଖୋଲିବାର ନିର୍ଦ୍ଦେଶ ରହିଛି। ହେଲେ ନିର୍ଦ୍ଦେଶ ଶୀତଳଭଣ୍ଡାରକୁ ଚାଲି ଯାଇଛି। ଅଭିଯୋଗ କଲେ ସୁଫଳ ମିଳୁନି। ପ୍ରଶାସନ ପୂରା ଗାଲୁଆ ହୋଇ ଗଲାଣି। ଅଗ୍ନିବର୍ଷା ସମୟରେ ନ ଖୋଲି ପରେ ଖୋଲିଲେ ଲାଭ କିଛି ନାହିଁ ବୋଲି ସାଧାରଣରେ ଅଭିଯୋଗ ଉଠିଲାଣି।

## ପାଣି ସମସ୍ୟା ସମାଧାନ ନ କରି ଗାଳିଗୁଲଜ

**ଖୋର୍ଦ୍ଧା ଅଫିସ,୧୬।୪:**

ଖୋର୍ଦ୍ଧା ସହର ଗୁରୁଜଙ୍ଗ ମହୋତ୍ସବ ପଡିଆର ଏକ ମଣ୍ଡପ ନିକଟକୁ ଜଳଯୋଗାଣ ସମ୍ପର୍କରେ କେତେଜଣ ଲୋକ ଦାବି ରଖିଥିଲେ । ତେବେ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରି ଜଣେ ଲୋକପ୍ରତିନିଧି ଓ ପିଏଚଡି କର୍ମଚାରୀ ଗାଳିଗୁଲଜ କରିଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପ୍ରକୃତ ସମସ୍ୟାକୁ ନ ଶୁଣି ଲୋକପ୍ରତିନିଧିଙ୍କ କଥା ସହ ସ୍ୱର ମିଳାଇ ପୋଲିସ ପୁଣି ସ୍ଥାନୀୟ ଲୋକଙ୍କୁ ଗାଳିଗୁଲଜ କରିଥିଲା। ଏପରି କି ଚୁପଚାପ ରହିବାକୁ ଲୋକଙ୍କୁ ଚେତାବନୀ ଦେଇଥିଲା। ତେବେ ନ୍ୟାୟ ପାଇବା ପାଇଁ ଲୋକେ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କଲେ। ହେଲେ ଥାନା ପକ୍ଷରୁ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ମିଳିଛି। ପୋଲିସ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ସାଧାରଣ ଲୋକ ମେଳି ହେଉଥିବା ଜଣେ ଲୋକ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି।

## ରଘୁଦିବାକର ହାଇସ୍କୁଲରେ ଶିକ୍ଷାପ୍ରେମୀଙ୍କ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୧୬।୪ (ଡି.ଏନ.ଏ.)**

କନ୍ଧନୟାଗଡସ୍ଥିତ ରଘୁଦିବାକର ହାଇସ୍କୁଲରେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଶିକ୍ଷାପ୍ରେମୀମାନଙ୍କର ଏକ ବୈଠକ କନ୍ଧନୟାଗଡ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଦୁର୍ବଳ ପ୍ରଶାସନ ହେତୁ ପ୍ରାର୍ଥନା ସଭାରୁ ଆରମ୍ଭ କରି ଶିକ୍ଷାଦାନ ବ୍ୟବସ୍ଥାରେ ଚରମ ବ୍ୟତିକ୍ରମ ହେଉଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ସୁଧାର ଆଣିବା ପାଇଁ ରଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ଓ ନୟାଗଡ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲା ଶିକ୍ଷା ପ୍ରଶାସନ ତରଫରୁ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରିବାର ଆଶଙ୍କା ରହିଛି । ଏହି ବୈଠକରେ ମନୋଜ ଦାସ, ଅଜିତ୍ ପାତ୍ର, ଭଗବାନ ଗୁରୁ, ପ୍ରଶାନ୍ତ ପ୍ରଧାନ, ଆନନ୍ଦ ସେଠୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଶିରୁଳୀ ମହାବୀରଙ୍କ ବାର୍ଷିକ ଉତ୍ସବ

**ଟାଙ୍ଗୀ (ଖୋର୍ଦ୍ଧା), ୧୬।୪ (ଡି.ଏନ.ଏ.)**

ଶିରୁଳୀ ମହାବୀରଙ୍କ ୬ତମ ବାର୍ଷିକ ଉତ୍ସବ ମହନ୍ତ ଅଶୋକ ଦାସଜୀ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଚମ୍ପାଗଡ, କଟକ ସହର, ଝିଙ୍କିଝାରି, ଶ୍ରୀକୃଷ୍ଣପୁର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପାଳିତ ହୋଇଯାଇଛି । ଏହି ୪ ଦିନିଆ ଉତ୍ସବର ପ୍ରତ୍ୟେହ ସନ୍ଧ୍ୟାରେ ରାମାୟଣର ସୁନ୍ଦରାକାଣ୍ଡ ଓ ରାମଚରିତ ମାନସ ପାଠ ପ୍ରବଚକ ରାମଚନ୍ଦ୍ର ଦାସଜୀ ମହାରାଜାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଉତ୍ସବରେ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା

## ବିଷୁବ ସାହିତ୍ୟ ଆସର

**ପୁରୀ ଅଫିସ,୧୬।୪:**

ସ୍ଥାନୀୟ ସର୍ବମଙ୍ଗଳା ପାଠାଗାର ପରିସରରେ ସୋମବାର ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୨୮ତମ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନ ଅଧକ୍ଷତା କରିଥିଲେ। ପ୍ରଫେସର ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଏବଂ କବି ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ସୁରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବୟିତ୍ରୀ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରୋଜାଲିନ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ବିଜେଡିର ରୋଡ୍ ଶୋ'ରେ ସିନେ ଅଭିନେତା

**ଖୋର୍ଦ୍ଧା ଅଫିସ,୧୬।୪:**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଖୋର୍ଦ୍ଧା ସହରାଞ୍ଚଳରେ ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ରୋର୍ଡ ଶୋ କରିଥିଲେ । ଏଥିରେ ସିନେ ଅଭିନେତ୍ରୀଅଭିନେତା ରାଇମୋହନ ପରିଡା, ଜ୍ୟୋତିସ୍ମିତା ସାମଲ(ଲିନା) ଓ ଟେଲି ଅଭିନେତା ଚନ୍ଦନଙ୍କୁ ଦେଖିବାକୁ ମିଳିଥିଲା। ରୋଡ ଶୋ ମୁକୁନ୍ଦପ୍ରସାଦରୁ ବାହାରି ୨୨ଟି ୱାର୍ଡ ପରିକ୍ରମା କରିଥିଲା। ରୋଡ୍ ଶୋ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗ ଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ବିଜେଡି କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ଉପସ୍ଥିତ ରହି ଦଳୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ସମୀକ୍ଷା କରିଥିଲେ। କର୍ମୀମାନଙ୍କୁ ବିଜେଡିର ସଫଳ ରୂପାୟନ ପାଇଁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ତାରକା ପ୍ରଚାରକ ରାଇମୋହନ ପରିଡ଼ା, ଦୀପ୍ତି ରଞ୍ଜନ ଦାଶ ଓ ଲୋପାମୁଦ୍ରା ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।



ସିନେ ଅଭିନେତ୍ରୀଅଭିନେତାମାନେ ରୋଡ ଶୋ'ରେ ଯାଉଛନ୍ତି ।

### ■ ମଙ୍ଗୁଳିଙ୍କ ପରିବାରକୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

# ବୁଲେଟର ଜବାବ ବାଲଟରେ ମିଳିବ

**ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୬।୪ (ଡି.ଏନ୍.ଏ.)**

ଖୋର୍ଦ୍ଧା ଆଦର୍ଶ ଥାନାର ନବୀନାବାଗରେ ଭାଜପା ନେତା ବଡ଼ପୋଖରିଆର ମଙ୍ଗୁଳି ଜେନାଙ୍କୁ ଗତ ରବିବାର ରାତିରେ ହତ୍ୟା କରାଯାଇଥିଲା। ମଙ୍ଗୁଳିଙ୍କ ହତ୍ୟା ଖୋର୍ଦ୍ଧା ରାଜନୀତିକୁ ଏପଟସେପଟ କରି ପକାଇଛି। ଏହି ଘଟଣାକୁ ଭାଜପା ଇସ୍ୟୁ କରି ଆଗକୁ ବଢୁଛି। ମଙ୍ଗଳବାର ରାତିରେ ବଡପୋଖରିଆ ଗାଁକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ମଙ୍ଗୁଳି ଜେନାଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି। ଗଣମାଧ୍ୟମକୁ ମନ୍ତ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାରେ ସ୍ଥିତି ଗମ୍ଭୀର ହେବା ପାଇଁ ଲାଗିଲାଣି। ନିର୍ବାଚନର ଆସନ୍ନ ପରାଜୟ ଡରରେ ଶାସକ ଦଳ ଲୋକମାନେ ପ୍ରତିପକ୍ଷ ଲୋକଙ୍କୁ ହତ୍ୟା କରିବାକୁ ବି ପଛାଉ ନାହାନ୍ତି। ମଙ୍ଗୁଳି ଭାଇ ଆମ ଅଞ୍ଚଳର ଦଳର ମଙ୍ଗୁଆଳ ଥିଲା। ସ୍ଥାନୀୟ ଅଞ୍ଚଳରେ ବଡ ଲୋକପ୍ରିୟ ଥିଲେ। ଜଣେ ସଚ୍ଚୋଟ ଭାଜପା କର୍ମୀ କୌଣସି ବୁଝାମଣା ନ କରି ସ୍ଥାନୀୟ ଗରିବ ଦୁଃଖୀଙ୍କର ନିରନ୍ତର ସେବାରେ ଲାଗିଥିଲେ। ଦୁଇଦିନ ତଳେ ଆଜିର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗୁଳି ଭାଇଙ୍କ ସହ ବ୍ୟାପକ ଯୋଜନା କରିଥିଲୁ। ଖୋର୍ଦ୍ଧାକୁ ଫୋନ କରିବା ସମୟରେ ଅଚାନକ ଜଣାପଡିଲା ମଙ୍ଗୁଳି ଭାଇଙ୍କୁ ଶାସକ ଦଳର ଲୋକେ ଗୁଳି କରି ହତ୍ୟା କରିଛନ୍ତି। ପ୍ରଜାତନ୍ତ୍ରରେ ଏହାକୁ ସହ୍ୟ କରାଯାଇ ପାରିବ ନାହିଁ। ଆଜି ପ୍ରଧାନମନ୍ତ୍ରୀ ଲକ୍ଷାଧିକ ଲୋକଙ୍କ ଆଗରେ ବଜ୍ର ଶପଥ ନେଇଛନ୍ତି ମଙ୍ଗୁଳି ଜେନାଙ୍କ ହତ୍ୟାକାରୀଙ୍କୁ ଛଡାଯିବ ନାହିଁ। ଯେତେବି ଶକ୍ତିଶାଳୀ ଲୋକ ହୁଅନ୍ତୁ ନା କାହିଁକି ତାଙ୍କୁ ମୁଖ୍ୟମନ୍ତ୍ରୀ କେତେ ଶରଣ ଦେବେ ଆମେ ଦେଖିବୁ। ପ୍ରତିପକ୍ଷକୁ ହତ୍ୟା କରାଯିବା ପରେ ନିର୍ବାଚନ କମଶନ କ'ଣ ପଦକ୍ଷେପ ନେବେ। ଇଏ ଯେଉଁ ଆପରାଧିକ ମାନସିକତା, ଏହାକୁ ଓଡିଆ ଲୋକ କେବେ ସହି ନ ଥିଲେ କି କେବେ ସହିବ ନାହିଁ। ଆଜିର ଦୁଃଖଦ ପରିସ୍ଥିତିରେ ମଙ୍ଗୁଳିଙ୍କ ପରିବାରର ସଦସ୍ୟଙ୍କ ସହ ସାମିଲ ହୋଇଥିଲୁ। ଦୁଇ ଛୋଟ ଛୁଆ, ମା', ସ୍ତ୍ରୀ ଙ୍କ ଦୁଃଖ ହୃଦୟବିଦାରକ। ଇଏ ଏକ ରାଜନୈତିକ ସଂଘର୍ଷ। ଯେଉଁ ବିଚାରଧାରା ମୂଲ୍ୟବୋଧ ପାଇଁ ମଙ୍ଗୁଳି ଭାଇ ଲଢୁଥିଲା ଆମେ ତାକୁ ଆଗକୁ ନେବୁ। ଅପରପକ୍ଷେ ପାଖ ପଡିଶା ପିପିଲିରେ ବେବିନା ହତ୍ୟାକାଣ୍ଡ କ୍ରାଇମବ୍ରାଞ୍ଚ ନେଇଥିଲା। ସେଦିନ ଘଟଣା ଶୁଣୁଥିଲି। ଡିଜିଙ୍କ ସହ କଥା ହୋଇଥିଲି। ଏଠାକାର ଏସ୍‌ପିଙ୍କ ବ୍ୟବହାର କଟା ଘା'ରେ ଚୂନ ଦେବା ସଦୃଶ। ହତ୍ୟାକାରୀ ଗାଁରେ ବୁଲୁଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ପରେ ସ୍ଥାନୀୟ ପୋଲିସ ଶାସକ ଦଳର ହାତବାରିଶି ସାଜିଛି। ବୁଲେଟର ଜବାବ ଏଥର ଲୋକ ବାଲଟରେ ଦେବେ। ଦୁଃଖଦ ସମୟରେ ପ୍ରଧାନମନ୍ତ୍ରୀ ଓ ଭାଜପା ମଙ୍ଗୁଳିଙ୍କ ପରିବାର ସହ ରହିଛି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପାର ଭୁବନେଶ୍ୱର ଲୋକ ସଭା ଆସନ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ କାଲୁ ଚରଣ ଖଣ୍ଡାୟତରାୟ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗୁଳିଙ୍କ ପରିବାର ସହ ଆଲୋଚନା କରୁଛନ୍ତି ।



ବଡପୋଖରିଆରେ ଫୋର୍ସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ।

### ବଡ଼ପୋଖରିଆ ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ

ମଙ୍ଗୁଳି ଜେନାଙ୍କ ହତ୍ୟା ପରେ ଉତ୍ତେଜନାକୁ ଆଖି ଆଗରେ ରଖି ବଡ଼ପୋଖରିଆ ପଞ୍ଚାୟତ ଅଞ୍ଚଳରେ ଓଡ଼ିଶା ସୁଇପ୍ ଆକ୍ସନ ଫୋର୍ସ ମଙ୍ଗଳବାର ଅପରାହ୍ନ ୪ଟା୪୫ମିନିଟ୍‌ରୁ ସନ୍ଧ୍ୟା ୬ଟା ପ୍ରାୟ ୧ ଘଣ୍ଟା ୧୫ ମିନିଟ୍ ଫ୍ଲାଗମାର୍ଚ୍ଚ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡର ବି.ବି. ମହାରଣାଙ୍କ ନେତୃତ୍ୱରେ ୯୦ ଜଣିଆ ଏକ କମ୍ପାନୀ ଫୋର୍ସ ସାମିଲ ହୋଇଥିଲେ।

## ବେଗୁନିଆ ମହାବିଦ୍ୟାଳୟରେ ଡିଜିଟାଲ ପ୍ରଶିକ୍ଷଣ ଶିବିର

**ବେଗୁନିଆ,୧୬।୪ (ଡି.ଏନ.ଏ.)**

ଏବେକାର ଯୁଗରେ ଯୁବ ପିଢିମାନଙ୍କ ପାଇଁ ଡିଜିଟାଲ ପ୍ରଶିକ୍ଷଣ ହେଉଛି ଜ୍ଞାନର ଭଣ୍ଡାର। ପ୍ରତ୍ୟେକ ଛାତ୍ରୀଛାତ୍ର ଡିଜିଟାଲର ସଦୁପଯୋଗ କଲେ ଭବିଷ୍ୟତରେ ସବୁକିଛି ଜ୍ଞାନ ଜାଣିପାରିବେ। ଏଭଳି ଏକ ବାର୍ତ୍ତା ମଙ୍ଗଳବାର ବେଗୁନିଆ ମହାବିଦ୍ୟାଳୟର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିବା ଡିଜିଟାଲ ପ୍ରଶିକ୍ଷଣ ଶିବିରରେ ପ୍ରକାଶ ପାଇଥିଲା। ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ମହାବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ମୁଖ୍ୟ କିରାଣି ସତ୍ୟନାରାୟଣ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କୁ ଡିଜିଟାଲ ଜ୍ଞାନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ବିଦାୟ ସମ୍ବର୍ଦ୍ଧନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଆରାଧନା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଦେବଯାନୀ ପାଇକରାୟ ଧନ୍ୟବାଦ ଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଗାଡ଼ି ଧକ୍କାରେ ଖବରଦାତା ଗୁରୁତର

**ବାଲୁଗାଁ,୧୬।୪(ଡି.ଏନ.ଏ.)**

ବାଲୁଗାଁ ଥାନା ନାଭାଲ ଛକର ଅନତି ଦୂରରେ ସୋମବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଅଶୋକ କୁମାର ଜେନା ଗୁରୁତର ହୋଇଛନ୍ତି । ଖବର ସଂଗ୍ରହ ନିମନ୍ତେ ଅଶୋକ ବାଇକ୍ ଯୋଗେ ଯାଉଥିବା ବେଳେ ପଛପାର୍ଶ୍ୱରୁ ଏକ ଚାରିଚକିଆ ଯାନ ଧକ୍କାଦେଇ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲା । ଦୁର୍ଘଟଣାରେ ଅଶୋକ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନାଭାଲ ଛକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବାଲୁଗାଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେଡିର ରୋଡ୍ ଶୋ'

**ବେଗୁନିଆ/ବୋଲଗଡ,୧୬।୪ (ଡି.ଏନ.ଏ.)**

ଆସନ୍ତା ୨୩ ତାରିଖ ୩ୟ ପର୍ଯ୍ୟାୟରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ ମତଦାନ। ସେଥିପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଲାଣି। ଏଥିଲାଗି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାର୍ଯ୍ୟ ଆଗେଇ ନେଲେଣି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ବିଜେଡି ପକ୍ଷରୁ ଏମ୍‌ପି ଓ ବିଧାନସଭା ପ୍ରାର୍ଥୀଙ୍କୁ ନେଇ ରୋଡ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ୨ ଜଣ ସିନେ ତାରକାଙ୍କୁ ସାମିଲ କରାଯାଇଥିଲା । ବିଜେଡି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ, ସିନେ ତାରକା ଅର୍ଚ୍ଚିତା ସାହୁ ଏବଂ ସବ୍ୟସାଚୀ ମହାପାତ୍ର ଯୋଗଦେଇ ବୋଲଗଡ ବ୍ଲକର ଦିଘିରିଠାରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଉପରେ ରୋଡ ଶୋ କରି ବେଗୁନିଆ ବ୍ଲକର ସାରୁଅ ଛକଠାରେ ସମାପ୍ତ କରିଥିଲେ। ଉଭୟ ବ୍ଲକର ଅଧକ୍ଷା, ଅଧକ୍ଷ, ଉପାଧକ୍ଷା, ଉପାଧକ୍ଷଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏଥିରେ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଉଥିବା ବେଳେ ବିଭିନ୍ନ ପଞ୍ଚାୟତରେ ପ୍ରାର୍ଥୀଙ୍କ ପକ୍ଷରୁ କରାଯାଇଥିବା ରୋଡ ଶୋ ସମୟରେ ଭୋଟରଙ୍କ ନିକଟତର ହୋଇ ପ୍ରାର୍ଥୀମାନେ ଭୋଟ ଭିକ୍ଷା ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ରୋଡ ଶୋ'ରେ କର୍ମୀ ଅର୍ଜୁନ ପ୍ରଧାନ, ପ୍ରଭାତ କୁମାର ପ୍ରହରାଜ, ସତ୍ୟନାରାୟଣ ପ୍ରଧାନ, ଅନାଦି ସାହୁ, ଚୈତନ୍ୟ ଜୟସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ, ଏମପି ଅରୂପ ପଟ୍ଟନାୟକ ରୋଡ ଶୋ'ରେ ଯାଉଛନ୍ତି ।

